# ପ୍ରଦୂଷଣରେ ଭାରାକ୍ରାନ୍ତ ମାନପୁର ବ୍ରିଜ୍

■ ଦ୍ରୁତଗତିରେ ଚାଲିଛି କମ୍ପାନୀ ବସ୍
■ ବଢ଼ି ଚାଲିଛି ସଡ଼କ ଦୁର୍ଘଟଣା

ଯାଜପୁର,୨୯।୧୦(ହର୍ଷବର୍ଦ୍ଧନ ବେହେରା):

ଶିଳ୍ପ ପ୍ରଦୂଷଣର ଭୟାବହତା ଏବେ କଳିଙ୍ଗନଗରବାସୀଙ୍କୁ କବଳିତ କରିଛି। ଚତୁଃପାର୍ଶ୍ୱରୁ ଶିଳ୍ପ କାରଖାନା ଘେର ମଧ୍ୟରେ ରହି କାଳ କାଟୁଥିବା ୩୦ ରୁ ଊର୍ଦ୍ଧ୍ୱ ଗାଁ ଲୋକେ ପ୍ରଦୂଷଣ ମଧ୍ୟରେ ଘାଣ୍ଟି ହେଉଛନ୍ତି । ବାୟୁ ଓ ଜଳ ପ୍ରଦୂଷଣ ପ୍ରଭାବରେ ଗାଁର ପାଣି, ପବନ, ମୃତ୍ତିକା ସବୁ ବିଷ ପାଲଟିଛି । ସ୍ୱଚ୍ଛ ପାଣି ଟୋପାଏ ପାଇବା ଏମାନଙ୍କ ପାଇଁ ସ୍ୱପ୍ନ ହୋଇଛି। ଏଭଳି ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଛି । ଷ୍ଟିଲ ହବ୍ ଭାବେ ପରିଚିତ କଳିଙ୍ଗନଗରରେ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ସ୍ଥାପନ ଓ ଉତ୍ପାଦନକ୍ଷମ ହେବା ପରେ ପ୍ରଦୂଷଣ ଆହୁରି ଘାତକ ହେବାରେ ଲାଗିଛି । ଏହି କ୍ରମରେ ମାନପୁର ଓଭର ବ୍ରିଜ୍ ଏବଂ ଏହାର ପ୍ରାୟ ୪ କିମି ଦୂରତା ପରିସରରେ ଏବେ ବାୟୁ ପ୍ରଦୂଷଣ ଉତ୍କଟ ହେଉଥିବା ଦେଖିବାକୁ ମିଳିଛି । ଏହି ବ୍ରିଜର ଉଭୟ ପାର୍ଶ୍ୱରେ ବହୁ ପରିମାଣରେ ଧୂଳି ଜମା ହୋଇ ରହିଛି। କମ୍ପାନୀ ଗାଡ଼ିଗୁଡିକ କାରଖାନା ଭିତରେ ୨୦ କିମି ବେଗରେ ଚଳାଇବାକୁ ନିୟମ ରହିଥିବାବେଳେ



ମାନପୁର ବ୍ରିଜ୍ ଉପରେ ଧୂଳି ଧୂଆଁ ଘେରିରହିଛି ।

ବାହାରେ ୬୦ ରୁ ୭୦ କିମି ବେଗରେ ଚାଲିଛି। ଫଳରେ ବାୟୁ ପ୍ରଦୂଷଣ ସହ ଏକାଧିକ ଦୁର୍ଘଟଣା ଘଟି ଲୋକଙ୍କ ଧନଜୀବନ ହାନୀ ହେଉଥିବା ନଜିର ରହିଛି। ପାଣି ସିଞ୍ଚନ ହେଉ ନ ଥିବାରୁ ବାଇକ୍ ଚାଳକ ଏବଂ ପଥଚାରୀଙ୍କ ଅବସ୍ଥା ଦୟନୀୟ ହେଉଥିବା ମତପ୍ରକାଶ ପାଇଛି। ୨୦୧୭ରୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅତିପ୍ରଦୂଷଣକାରୀ ସିମେଣ୍ଟ କାରଖାନାଗୁଡ଼ିକର ଆଗମନ ହୋଇଛି । ମାନପୁର ବ୍ରିଜ୍ ତଳେ ଚାଲିଥିବା ରେଲୱେ ସାଇଡିଂ କର୍ତ୍ତୃପକ୍ଷ ପ୍ରଦୂଷଣ ନୀତିନିୟମକୁ ମାନୁ ନାହାନ୍ତି। ଫଳରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଲୋକ ବାୟୁ ଓ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ବାୟୁ ପ୍ରଦୂଷଣ ନିରୀକ୍ଷଣ କେନ୍ଦ୍ର ପକ୍ଷରୁ ୨୦୧୫ ରୁ ୨୦୧୭ ମଧ୍ୟରେ ସଂଗୃହୀତ ତଥ୍ୟ ଅନୁସାରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବାୟୁ ଗୁଣାତ୍ମକ ମାନ ପ୍ରତି ଘନମିଟର ପିଛା ୧୧୩ ମାଇକ୍ରୋଗ୍ରାମ ରହିଥିଲା । ତେବେ ଏହି ୫ ବର୍ଷ ମଧ୍ୟରେ ଘନମିଟର ପିଛା ମାଇକ୍ରୋଗ୍ରାମ ପରିମାଣ ବହୁଗୁଣରେ ବୃଦ୍ଧି ହୋଇଥିବ ବୋଲି ଅନୁମାନ କରାଯାଉଛି । ଯାହା ଫଳରେ ରାଜ୍ୟରେ କଳିଙ୍ଗନଗର ଅତି ପ୍ରଦୂଷଣ ଅଞ୍ଚଳଭାବେ ଅଭିହିତ ହୋଇଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)ଦ୍ୱାରା ନିର୍ଦ୍ଧାରିତ ବାର୍ଷିକ ବାୟୁ ଗୁଣାତ୍ମକ ମାନ ଘନମିଟର ପିଛା ୬୦ ମାଇକ୍ରୋଗ୍ରାମ କଣିକା ରହିବା କଥା । ଆନ୍ତର୍ଜାତୀୟସ୍ତରରେ ୨୦୧୧ରୁ ଭାରତର ବାୟୁ ପ୍ରଦୂଷଣ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି ।

କଳିଙ୍ଗନଗର ବ୍ୟତୀତ ଓଡ଼ିଶାର ଅନୁଗୋଳ, ସମ୍ବଲପୁର, ବାଲେଶ୍ୱର, ପାରାଦୀପ, ଭୁବନେଶ୍ୱର, କଟକ, ରାଉରକେଲା ଏବଂ ତାଳଚେର ସହର ଅତି ପ୍ରଦୂଷଣ ତାଲିକାରେ ରହିଛି । କଳିଙ୍ଗନଗରରେ ଗୋଟିଏ ପରେ ଗୋଟିଏ ଅତି ପ୍ରଦୂଷଣକାରୀ କାରଖାନା ପ୍ରତିଷ୍ଠା ହେବା ଜିଲାବାସୀଙ୍କ ପାଇଁ ସାଂଘାତିକ ହେବାରେ ଲାଗିଛି । ଏହି ପ୍ରଦୂଷଣ ଆଗାମୀ ଦିନରେ ସାରା ଜିଲାକୁ ଗ୍ରାସ କରିବ ବୋଲି ମତପ୍ରକାଶ ପାଇଛି । ବେଳ ହୁଁ ପାୱାର ପ୍ଲାଣ୍ଟ, କ୍ରସର, ଚିମିନି ଭାଟି, ରେଳ ସାଇଡିଂ, ଯାନବାହାନ ପ୍ରଦୂଷଣ ଆଦିକୁ ନିୟନ୍ତ୍ରଣ କରା ନ ଗଲେ ଲୋକଙ୍କ ଜୀବନ ବାୟୁ, ଜଳ ଓ ଧୂଳିଧୂଆଁ ପ୍ରଦୂଷଣରେ ଦୁର୍ବିସହ ହେବା ନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। ଦାନଗଦି ଠାରୁ ପ୍ରାୟ ୨ କିମି ଦୂରରେ ଅବସ୍ଥିତ ମାନପୁର ବ୍ରିଜ ପରିସର ଏବେ ସବୁବେଳେ ଧୂଆଁଳିଆ ଭଳି ରହୁଛି। ଏହି ରାସ୍ତାଦେଇ ପ୍ରତ୍ୟହ ଶତାଧିକ ଗାଡ଼ି ଚଳାଚଳ କରୁଛି। ଶିଳ୍ପ ଓ ଖଣି ଅଞ୍ଚଳରୁ ମାଲବାହୀଗାଡିଗୁଡିକ ଚଳାଚଳ ଯୋଗୁ ଧୂଆଁ ଉଠି ବାୟୁ ପ୍ରଦୂଷଣ ଅଣାୟତ୍ତ ହେବାରେ ଲାଗିଛି। ପ୍ରାୟ ୪ ବର୍ଷ ହେଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏକ ସମନ୍ୱିତ ଆକ୍ସନ ପ୍ଲାନ କରିବାକୁ ପ୍ରସ୍ତାବ ରହିଥିଲେ ହେଁ ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ମତପ୍ରକାଶ ପାଇଛି।

ଏସପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଶିଳ୍ପାଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପଗୁଡିକ ଗ୍ରହଣ କରାଯାଉଛି। ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ବିଭାଗ ସଦାସର୍ବଦା ତତ୍ପର ରହିଛି ।

# ୨ରୁ ସମୂହ ଅନଶନରେ ବସିବେ ମିଳିତ ଗଣ ସଂଗଠନ

ଯାଜପୁରରୋଡ୍,୨୯।୧୦(ପବିତ୍ର ରଞ୍ଜନ ମହାନ୍ତି):

**ରାଜୀବ ଗାନ୍ଧୀ ଷ୍ଟାଡିୟମ ଦୁରାବସ୍ଥାର ସ୍ଥାୟୀ ପ୍ରତିକାର ପାଇଁ ଆନ୍ଦୋଳନ ଜାରି**

ବ୍ୟାସନଗରସ୍ଥିତ ରାଜୀବ ଗାନ୍ଧୀ ଷ୍ଟାଡିୟମ ଦୁରାବସ୍ଥାର ସ୍ଥାୟୀ ପ୍ରତିକାର ନିମନ୍ତେ ବନ୍ଦେ ବ୍ୟାସନଗର ସଂଗଠନ ପକ୍ଷରୁ ଚାଲିଥିବା ଅନଶନ ୬ ଦିନରେ ପହଞ୍ଚିଛି। ଏହାକୁ କ୍ରୀଡ଼ାବିତ୍ ବିଏସ୍‌କେ ସାମଲ ଓ ଯାଜପୁରରୋଡ୍‌ର ବିଭିନ୍ନ ଗଣ ସଂଗଠନମାନେ ସମର୍ଥନ କରିବା ସହ ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରିଛନ୍ତି। ଏନେଇ ରବିବାର ସ୍ଥାନୀୟ ହରେକୃଷ୍ଣ ଭବନଠାରେ ସିଭିଲ ସୋସାଇଟିର ଆବାହାକ ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ସହରର ବିଭିନ୍ନ ଗଣସଂଗଠନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନଶନ ୬ ଦିନ ଧରି ଜାରି ରହିଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆ ଯାଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ନଭେମ୍ବର ୧ ମଧ୍ୟରେ ଯଦି ପ୍ରଶାସନ ପକ୍ଷରୁ କୌଣସି ତ୍ୱରିତ ପଦକ୍ଷେପ ନ ନିଆଯାଏ ତେବେ ମିଳିତ ଗଣ ସଙ୍ଗଠନ ପକ୍ଷରୁ ୨ ତାରିଖରୁ ସମୂହ ଅନଶନ କରାଯିବ। ପରେ ୭ ତାରିଖରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଏହି ବୈଠକରେ ସୋସାଇଟିର ଉପଦେଷ୍ଟା ତଥା କୋରେଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି ଯୋଗଦେଇ ପ୍ରଶାସନ ନୀରବତାକୁ ସମାଲୋଚନା କରିଥିଲେ। ଆନ୍ଦୋଳନ ବିନା ସହରର ବିକାଶ ଅସମ୍ଭବ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରେଇ ସଂଗ୍ରାମ ସମିତି ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପସଭାପତି ଆଲୋକ ମହାନ୍ତି, ବ୍ୟାସନଗର ବଣିକ ସଂଘ ସମ୍ପାଦକ ଆସିତାନନ୍ଦ ବିଶ୍ୱାଳ, ଚଣ୍ଡୀ କ୍ଲବ୍ ସମ୍ପାଦକ ଶିଶିର କୁମାର ରାଉତ, ବ୍ୟାସନଗର ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ଯାଜପୁର ରୋଡ ବାରର ଆଇନଜୀବୀ ଜଗନ୍ନାଥ ପ୍ରସାଦ ପତି, କ୍ଲବ ୟୁଥ ମାସର ସଭାପତି ପ୍ରକାଶ କୁମାର ଜେନା, ସମ୍ପାଦକ ରାଜେଶ କୁମାର ରାଉତ ଓ ଯୋଗ ସମିତିର ପ୍ରଭାରୀ ମହେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ କରିଥିଲେ।

# ବ୍ରହ୍ମବରଦା ପ୍ରେସ୍ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଅତିଥି ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ବ୍ରହ୍ମବରଦା,୨୯।୧୦ (ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ରହ୍ମବରଦା ପ୍ରେସ୍ କ୍ଲବ୍ ତରଫରୁ ଆୟୋଜନ କରାଯାଇଥିଲା। କଟକ ଟାଙ୍ଗିସ୍ଥିତ ପଦ୍ମିନୀ କେୟାରର ମେଡିସିନ ବିଭାଗ ଡା. ସ୍ୱସ୍ତିକ ଆଚାର୍ଯ୍ୟ, ଶିଶୁ ରୋଗ ବିଶେଷଜ୍ଞ ଡ. ନିକିତା ଶର୍ମା ଓ ତାଙ୍କ ଟିମ୍ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ।

ଶିବିରରେ ବ୍ରହ୍ମବରଦା ଓ ଏହାର ଆଖପାଖ ୧୦ ପଞ୍ଚାୟତର ଶତାଧିକ ରୋଗୀ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରେସ୍ କ୍ଲବ୍ ସଭାପତି ବାପୁଜି ଚରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରକୁ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମଧୁବନ ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଅଧିକାରୀ ଡା. ସୁଧୀର କୁମାର ସାହୁ, ୩୬ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଭାରତୀ ବିଶ୍ୱାଳ ଓ ଜିଲା କଂଗ୍ରେସ ମହିଳା ସଭାପତି ଆରତୀ ଦେଓ ଯୋଗଦେଇଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନାରାୟଣ ଆଇଚ, ହାଜିରହିମିଆଁ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋରଞ୍ଜନ ବିଶ୍ୱାଳ, ସିଆର୍‌ସିସି ଶ୍ରୀବତ୍ସ ସାହୁ, ଡା. ପ୍ରଫୁଲ୍ଲ ଗିରି, ବିଦ୍ୟାଳୟ ସଭାପତି ଜୁଲଫିକର ଅଲ୍ଲି ଖାଁ, ସାମାଜିକ କର୍ମୀ ବିପିନ ବିହାରୀ ଦେଓ, ହିନ୍ଦ ମଜ୍ଦୁର ସଂଘ ସମ୍ପାଦକ ପ୍ରଦୀପ ଦାସ, ଶିଶୁ ସାହିତିକ ନିମାଇ ଚରଣ ଦାସ, ଅବସରପ୍ରାପ୍ତ ସେନା ଅଧିକାରୀ ଅକ୍ତର ହୁସେନ ଖାଁ, ଅମୂଲ୍ୟ ରାଉତ, ସୁକାନ୍ତ ବେହେରା ଓ ଜକି ଆଲାମ ଖାଁ ଉପସ୍ଥିତ ଥିଲେ।

ବିନାୟକ ସ୍ୱାଇଁ, ରାଜୀବ ଦଲାଇ, ଖବରଦାତା ଚିନ୍ତାମଣି ପୃଷ୍ଟି ଓ ପ୍ରତାପ ପୃଷ୍ଟି ରୋଗୀଙ୍କୁ ଔଷଧ ବିତରଣରେ ସହଯୋଗ କରିଥିଲେ। କ୍ଲବ୍ ଉପସଭାପତି ନିରାକାର ବେହେରା, ସମ୍ପାଦକ ଯଯାତି କେଶରୀ ବେହେରା, ସହସମ୍ପାଦକ ଶଙ୍କର ସେଠୀ, କୋଷାଧ୍ୟକ୍ଷ ମହମ୍ମଦ ଅଲ୍ଲି ଖାଁ, ସ୍ମୃତିରଞ୍ଜନ ରାଉତ, ପ୍ରକାଶ ସାହୁ, ଦୀପକ କୁମାର ସାହୁ, ସୁଶାନ୍ତ ଜେନା, ତ୍ରିଲୋଚନ ପାଣି, ଗୋପୀନାଥ ଦାସ, ସସ୍ମିତା ଦାସ, ଖଗେଶ୍ୱର ସାମଲ, ମେଶାରୁଲ ହକ୍ ଏବଂ ବିଦ୍ୟାଳୟର କର୍ମଚାରୀ ଚିତ୍ତରଞ୍ଜନ ଓଝା ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ କ୍ଲବ୍ ତରଫରୁ ଏକ ରକ୍ତଦାନ ଶିବିର କରାଯିବାନେଇ ସଭପତି ଜେନା ସୂଚନା ଦେଇଥିଲେ।

# ମଙ୍ଗଳପୁର ଆଇଆଇସିଙ୍କ ବଦଳି ଦାବି

**ଦଶରଥପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ**

ଦଶରଥପୁର,୨୯।୧୦(ମନୋଜ ପୃଷ୍ଟି):

ଦଶରଥପୁର ବ୍ଲକ୍ ଅଧୀନ ଝୁମ୍ପୁରି ବଜାରସ୍ଥିତ ସାଇ ମଣ୍ଡପଠାରେ ବ୍ଲକ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କରଙ୍କ ଅଧକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ସନ୍ତୋଷ ନନ୍ଦ, ପିସିସି ସଭ୍ୟ ଦେବେନ୍ଦ୍ର ପଣ୍ଡା, ପୂର୍ବତନ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷା କନକଲତା ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭାପତି ରଞ୍ଜିତା ରାଉତ, ଜିଲା କଂଗ୍ରେସ ଉପସଭାପତି ଭରତ ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ମଙ୍ଗଳପୁର ଥାନା ପାଲଟପୁର ପଞ୍ଚାୟତର ଦଳିତ ମହିଳା ବିମଳ ମଲ୍ଲିକଙ୍କ ସ୍ତ୍ରୀ ସଞ୍ଜିତା ମଲ୍ଲିକ ଥାନାକୁ ଅଭିଯୋଗ କରିବାକୁ ଆସିଥିବାବେଳେ ତାଙ୍କୁ ଆଇଆଇସି ଚିନ୍ମୟୀ ସାହୁ ୬ ଘଣ୍ଟା ଧରି ଅଟକ ରଖିବା ଘଟଣାକୁ ନିନ୍ଦା କରିଛନ୍ତି। ଏଥିସହିତ ଆଇଆଇସିଙ୍କୁ ତୁରନ୍ତ ବଦଳି କରିବାକୁ ଦାବି କରିଛନ୍ତି। ଆଇଆଇସି ଜଣେ ନେତାଙ୍କ କଥାରେ ପରିଚାଳିତ ହେଉଥିବା କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଚଷାଖଣ୍ଡ ସମବାୟ ସମିତି କାର୍ଯ୍ୟାଳୟରେ ଦୁର୍ନୀତି ପ୍ରତିବାଦରେ ୧୫ ସେପ୍ଟେମ୍ବରରେ ଅନଶନ କରାଯାଇଥିଲା। ଅନଶନରେ ବସିଥିବା କଂଗ୍ରେସ ନେତା ବିମଳ ମଲ୍ଲିକଙ୍କୁ ବିଞ୍ଝାରପୁର ଯୁବ ବିଜେଡି ସଭାପତି ପ୍ରଭାତ ଦାସ ଏବଂ ପୂର୍ବତନ ଅସନପୁର ସରପଞ୍ଚ କାଶୀନାଥ ମଲ୍ଲିକଙ୍କ ସମେତ ୪୦ରୁ ଅଧିକ ଲୋକ ମାଡ଼ ମାରିବା ସହିତ ପଞ୍ଚାୟତ କାର୍ଯ୍ୟାଳୟରେ ପାnରାଇ ପରିସ୍ରା ପିଆଇଥିଲେ। ଏନେଇ ଦଶରଥପୁର ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା କଂଗ୍ରେସ ନେତା ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଗତ ୨୬ ତାରିଖରେ ବିଞ୍ଝାରପୁର ଯୁବ ବିଜେଡି ସଭାପତି ଦାସ ଓ ଅସନପୁର ପୂର୍ବତନ ସରପଞ୍ଚ ମଲ୍ଲିକଙ୍କୁ କଂଗ୍ରେସ ନେତା ବିମଳ ମଲ୍ଲିକଙ୍କ ଆକ୍ରମଣ ଘଟଣାରେ କୌଣସି ସମ୍ପୃକ୍ତି ନ ଥିବା ଖବରଦାତା ଚନ୍ଦ୍ରଶେଖର ସାହୁ, ଜ୍ୟୋତିପ୍ରକାଶ ମିଶ୍ର ଏବଂ ପୂର୍ବତନ ଛାତ୍ର କଂଗ୍ରେସ ଜିଲା ସଭାପତି ଅନନ୍ତ କୁମାର ଜେନାଙ୍କ ନାମରେ ଉଦ୍ଦେଶ୍ୟମୂଳକ ଭାବେ ମାମଲା ରୁଜୁ କରାଯାଇଛି। ଯାହାକି ପୋଲିସ ଜଣେ ନେତାଙ୍କ କଥାରେ ଏପରି କରିଛି ବୋଲି କନକଲତା ଅଭିଯୋଗ ଆଣିଛନ୍ତି। ଯଦି ଏହି ଘଟଣାର ଠିକ୍ ତଦନ୍ତ ନ ହୁଏ, ତେବେ ଦଶରଥପୁର କଂଗ୍ରେସ ସହିତ ଜିଲା କଂଗ୍ରେସ ମାନବାଧିକାର କମିଶନଠାରୁ ଆରମ୍ଭ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବୋଲି ଉକ୍ତ ଖବରଦାତା ସମ୍ମିଳନୀରରେ ସୂଚନା ଦିଆଯାଇଛି। ଏନେଇ ସମ୍ପୃକ୍ତ ଆଇଆଇସିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଲୋକଙ୍କୁ କଂଗ୍ରେସ ସପକ୍ଷରେ ରହିବାକୁ ସୁରଙ୍କ ଅନୁରୋଧ

**ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ**

କୋରେଇ,୨୯।୧୦(ଚନ୍ଦ୍ରକାନ୍ତ ପତି):

ଯାଜପୁର ଜିଲା କୋରେଇ ବ୍ଲକ୍ ଅଧୀନ ବୈତରଣୀରୋଡ୍‌ଠାରେ କଂଗ୍ରେସ ପକ୍ଷରୁ ରବିବାର ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ(ସୁର) ଯୋଗଦେଇ ଲୋକଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତାକୁ ସୂଚାଇବା ସହିତ ଆଗାମୀ ନିର୍ବାଚନରେ କଂଗ୍ରେସ ସପକ୍ଷରେ ରହିବାକୁ ଅନୁରୋଧ କରିଛନ୍ତି।

ସଠିପୁର ନିକଟରେ ଉପସ୍ଥିତ ଥିବା ଶତାଧିକ କର୍ମୀ ତାଙ୍କୁ ସ୍ୱାଗତ କରି ବୈତରଣୀରୋଡ୍‌କୁ ପାଛୋଟି ଆଣିଥିଲେ। ସେଠାରେ କୋରେଇ କଂଗ୍ରେସ ତରଫରୁ ରାଜ୍ୟ କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ ଜେନା, ବରିଷ୍ଠ ନେତା ହରେକୃଷ୍ଣ ସାହୁ, ବ୍ୟାସନଗର ନଗର କଂଗ୍ରେସ ସଭାପତି ଦିଲୀପ ମଲ୍ଲିକ, ରାଜ୍ୟ ମହିଳା ସମ୍ପାଦିକା ରିତାଶ୍ରୀ ମହାନ୍ତି, ପୂର୍ବତନ ବ୍ଲକ ସଭାପତି ମଧୁସୂଦନ ସାହୁ, ବ୍ଲକ ଯୁବ ସଭାପତି ରବିପ୍ରକାଶ ନାୟକ, ମାଇନର କମ୍ୟୁନିଟିର ଲୋକମାନ ବେଗ୍, ବରୁଣ୍ଡେଇ ପଞ୍ଚାୟତ ସଭାପତି ସୁରେନ୍ଦ୍ର ପାଣି ଓ କଂଗ୍ରେସ ନେତ୍ରୀ ଜୟନ୍ତୀ ସାହୁ ପ୍ରମୁଖ ବିଧାୟକ ରାଉତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପରେ ବିରାଟ ପଟୁଆରରେ ସୁର ବୈତରଣୀ ରୋଡ୍ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ପରେ ଏକ ବାଇକ୍ ରାଲି କରି ମୁକୁନ୍ଦପୁର ପଞ୍ଚାୟତକୁ ଯାଇଥିଲେ। ସେଠାରେ କାର୍ଯ୍ୟକ୍ରମ ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଧୀର ମହାନ୍ତି, ସନାତନ ପଣ୍ଡା, ରାକେଶ ସାହୁ, ଗଜେନ୍ଦ୍ର କର, ନାରାୟଣ ଚନ୍ଦ୍ର ବେହେରା, ନିରଞ୍ଜନ ନାୟକ, ଶ୍ୟାମସୁନ୍ଦର ଜେନା, ଲିପୁ କୁଆଁର, ଉମାକାନ୍ତ ବେହେରା, ଆଶିଷ କୁମାର ମଲ୍ଲିକ, ଭାଗିରଥି ସାହୁ, ଚକ୍ରଧର ପତି, ଅମିତ କୁମାର ଜେନା, ବାବୁଲା ଚକ୍ରବର୍ତ୍ତୀ, ବଳରାମ ପଣ୍ଡା ଓ ଗଣେଶ୍ୱର ଦାସ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।



ବିଧାୟକ ସୁରେଶଚନ୍ଦ୍ର ରାଉତରାୟ ଓ ଅନ୍ୟ ନେତାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଦିବସ ପାଳିତ

ଧର୍ମଶାଳା,୨୯।୧୦(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଧୀନ ହରିଦାସପୁରସ୍ଥିତ ରାମ୍‌କୋ ସିମେଣ୍ଟ କମ୍ପାନୀର ଓଡ଼ିଶା ଗ୍ରାଇଣ୍ଡିଙ୍ଗ ତରଫରୁ ରବିବାର ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ କାରଖାନା ସମୂହର ଯାଜପୁର ଜିଲା ଡେପୁଟି ଡାଇରେକ୍ଟର ରମେଶ ଚନ୍ଦ୍ର ସୂତାର ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂଶା କରିଥିଲେ। କମ୍ପାନୀର ମାନବସମ୍ବଳ ମୁଖ୍ୟ ସର୍ବେଶ୍ୱର ମହାପାତ୍ର, ପ୍ରଶାସନିକ ମୁଖ୍ୟ କଲୋନେଲ ସୁଧାଂଶୁ ମିଶ୍ର ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟମାନେ ଯୋଗଦେଇ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ଦିବସ ଉପରେ ଆଲୋକପାତ କରିଥିଲେ। କମ୍ପାନୀର ଟ୍ରକ୍ ବୋଝେଇ ସମୟରେ ଯଦି ଅଗ୍ନିକାଣ୍ଡ ଘଟେ, ତେବେ ଏହାକୁ କିଭଳି ଆୟତ୍ତ କରାଯିବା ସହ ଆହତ କର୍ମଚାରୀଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଯିବ ତାହାର ଏକ ଛାୟା ନାଟକ ପ୍ରଦର୍ଶନ କରାଯାଇଥିଲା। ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମରେ କୌଶଳ ପ୍ରଦର୍ଶନ କରିଥିବା କର୍ମଚାରୀମାନେ ୧୯୯୯ ମହାବାତ୍ୟାର ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ। ପରେ କୌଶଳ ପ୍ରଦର୍ଶନ କରିଥିବା କର୍ମଚାରୀଙ୍କୁ ମୁଖ୍ୟଅତିଥି ସୂତାର ପୁରସ୍କୃତ କରିଥିଲେ। ଏଭଳି କାର୍ଯ୍ୟକ୍ରମ କମ୍ପାନୀ ତରଫରୁ ନିୟମିତ ବ୍ୟବଧାନରେ କରାଯିବ ବୋଲି ଲୋକସମ୍ପର୍କ ଅଧିକରୀ ସିଂ ସୂଚନା ଦେଇଛନ୍ତି।




ରାମ୍‌କୋ ସିମେଣ୍ଟ କାରଖାନା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଯାଜପୁର ଜିଲା ସଂସ୍କୃତି ପରିଷଦ ଗଠନ ଦାବି

**ସଂସ୍କୃତି ଭବନ ହେବ ସିନେମା ହଲ**

ଯାଜପୁର,୨୯।୧୦(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସଂସ୍କୃତି ପରିଷଦ ଦୀର୍ଘ ୨ ବର୍ଷ ଧରି ଅଚଳ ହୋଇ ଯାଇଛି। ଏହାର ନବୀକରଣ ଓ ସକ୍ରିୟ କରାଯିବା ପାଇଁ ଜିଲାବାସୀଙ୍କ ପକ୍ଷରୁ ଦାବି ହେଉଥିଲେ ହେଁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଫଳରେ ସଂସ୍କୃତି ପ୍ରେମୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏହି କ୍ରମରେ ଜିଲାରେ ଥିବା ୧୨୦ ରେଜିଷ୍ଟ୍ରିଭୁକ୍ତ ସାଂସ୍କୃତିକ ସଙ୍ଗଠନ ପ୍ରୋତ୍ସାହନ ଅଭାବରୁ ଲୋପ ପାଇବାକୁ ବସିଲାଣି। ମାତ୍ର ହାତ ଗଣତି ୧୦ରୁ ୧୨ଟି ସକ୍ରିୟ ଅନୁଷ୍ଠାନ ରହିଛି। ପୂର୍ବରୁ ଥିବା କମିଟିର ଅନୁମୋଦନ କ୍ରମେ ବର୍ଷକୁ ୧୦ ହଜାର ଟଙ୍କା ପାଇବା ପାଇଁ ସ୍ଥିର କରାଯାଇଥିବା ବେଳେ ଏହି ୩ ବର୍ଷ ହେବ ତାହା ମଧ୍ୟ ବନ୍ଦ ହୋଇଯାଇଛି। ଫଳରେ ବିଭିନ୍ନ ସଙ୍ଗଠନ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

ଜିଲାରେ କୌଣସି ସଂସ୍କୃତି ଅଧିକାରୀ ସ୍ଥାୟୀ ଭାବେ ରହୁ ନ ଥିବାରୁ ଏହି ବିଭାଗର ଦାୟିତ୍ୱ ସୂଚନା ଲୋକ ସମ୍ପର୍କ ଅଧିକାରୀଙ୍କୁ ଦିଆଯାଇଛି। ଜିଲାର କୌଣସି ସଙ୍ଗଠନ ସହ ସୁସମ୍ପର୍କ ନ ଥିବା ବେଳେ ସଂସ୍କୃତି ବିଭାଗ ବିଷୟରେ ଏହି ବିଭାଗ କିଛି ଜାଣି ନାହାନ୍ତି ବୋଲି କହୁଛନ୍ତି। ଏହି ବିଭାଗରେ ପୂର୍ବରୁ ୮୦ ଲକ୍ଷ ଟଙ୍କା ଗଚ୍ଛିତ ଥିବାବେଳେ ପ୍ରତିବର୍ଷ ମଧ୍ୟ ସରକାରୀ ଅନୁଦାନ ଆସିଥାଏ। କିନ୍ତୁ ପରିଷଦ ପକ୍ଷରୁ ସକ୍ରୀୟ ଥିବା ଅନୁଷ୍ଠାନକୁ ପ୍ରୋତ୍ସାହନ ନ ଦେଇ ନିଜେ ଖର୍ଚ୍ଚ କରୁଥିବା ଅଭିଯୋଗ ହେଉଛି। ସେଥିପ୍ରତି ପରିଷଦର ଅଧ୍ୟକ୍ଷ ଦୃଷ୍ଟି ନ ଦେଇ ଜିଲାରେ ସାଂସ୍କୃତିକ ପ୍ରବାହର ବ୍ୟତିକ୍ରମ ଘଟାଇ ଚାଲିଛନ୍ତି ବୋଲି ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା କ୍ଷୋଭ ପ୍ରକାଶ କରି କହିଛନ୍ତି। ସେ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି ଯେ ଜିଲାର ବରପୁତ୍ରମାନଙ୍କ ପ୍ରତି ଅବମାନନା କରାଯାଉଥିବା ବେଳେ ସାଂସ୍କୃତିକ ସଙ୍ଗଠନ ପାଇଁ ଜିଲା ସଂସ୍କୃତି ପରିଷଦ ଆଦୌ ଦୃଷ୍ଟି ଦେଉନାହିଁ। ସଦସ୍ୟମାନେ ମଧ୍ୟ କୌଣସି ବିଷୟରେ କିଛି ଜାଣି ପାରୁ ନାହାନ୍ତି। ଜିଲାର ସାଂସ୍କୃତିକ ବୈଭବର ସୁରକ୍ଷା ପାଇଁ ଖୁବ୍‌ଶୀଘ୍ର ଏକ ନୂତନ ଜିଲା ସଂସ୍କୃତି ପରିଷଦ ଗଠନ କରାଯାଉ ବୋଲି ଦାବି କରାଯାଇଛି।



ସୂଚନାଯୋଗ୍ୟ, ଯାଜପୁର ଜିଲାରେ ଯାଜପୁର ଟାଉନ ଏବଂ ବ୍ୟାସନଗର ସହରରେ ଦୁଇଟି ସଂସ୍କୃତି ଭବନ ନିର୍ମାଣ କରାଯାଇଛି। ଏହି ସଂସ୍କୃତି ଭବନରେ ବିଭିନ୍ନ ସଭାସମିତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେଉଛି। ଅନ୍ୟପକ୍ଷେ ଏହି ସଂସ୍କୃତି ଭବନକୁ ବାଦ୍ ଦେଲେ ଜିଲାରେ ୨୦୦ ଲୋକଙ୍କ ବସିବା ଭଳି ଆଉ କୌଣସି ସ୍ଥାନ ନାହିଁ। କିନ୍ତୁ ଇତିମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଏହି ଦୁଇଟି ସଂସ୍କୃତି ଭବନକୁ ସିନେମା ହଲ ଭାବେ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ସୋମବାର ବ୍ୟାସନଗର ଏବଂ ମଙ୍ଗଳବାର ଯାଜପୁରସ୍ଥିତ ଗୌତମବୁଦ୍ଧ ସଂସ୍କୃତି ଭବନକୁ ସିନେମା ହଲ ଭାବେ ଉଦଘାଟନ କରାଯିବ ବୋଲି ସୂଚନା ମିଳିଛି। ଏହାକୁ ଜିଲାର ବୁଦ୍ଧିଜୀବୀମାନେ ସହଜେ ଗ୍ରହଣ କରି ପାରି ନ ଥିବା ଚର୍ଚ୍ଚା ହେଉଛି।


ରାହାମା ବଡ଼ବଜାର ପୂଜା ମଣ୍ଡପ


ତିର୍ତ୍ତୋଲ ନେହେରୁ ବଜାର ପୂଜା ମଣ୍ଡପ


ରାହାମା ତେରମାଣପୁର ହୁକୁମଗଡ଼ ପୂଜା ମଣ୍ଡପ

# ରୋଗୀଙ୍କୁ ନେବାକୁ ଟଙ୍କା ମାଗୁଛନ୍ତି ଆମ୍ବୁଲାନ୍ସ ଚାଳକ

**କୁଜଙ୍ଗ,୨୯।୧୦ (ମନୋଜ ପ୍ରଧାନ)**

**କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

**■ ୧୦୮ ଆମ୍ବୁଲାନ୍ସ ଚାଳକ ସେବା ଯୋଗାଇବାକୁ ଅନିଚ୍ଛୁକ**

**■ କାର୍ଯ୍ୟାନୁଷ୍ଠାନ ଦାବି**

କୁଜଙ୍ଗ ବ୍ଲକରେ ରୋଗୀଙ୍କୁ ସେବା ଯୋଗାଇ ଦେବା ଲାଗି ୧୦୮ ଓ ୧୦୨ ଆମ୍ବୁଲାନ୍ସ ଚାଳକମାନେ ଟଙ୍କା ମାଗୁଥିବା ଅଭିଯୋଗ ହୋଇଛି। ଏହି ବ୍ଲକ ଅନ୍ତର୍ଗତ ହସିଣା ଗ୍ରାମର ସୁମନ୍ତ ସ୍ୱାଇଁ ଓ ପ୍ରଭାତି ସ୍ୱାଇଁଙ୍କ ୧୦ ମାସର ଶିଶୁ କନ୍ୟା ସ୍ୱପ୍ନାରାଣୀ ଗତ ବୁଧବାର ତୃତୀୟ ଡୋଜ ପୋଲିଓ ଟିକା ନେଇଥିଲେ । ଏହାପରେ ସେ ଜ୍ୱରରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡ଼ିଥିଲେ। ରବିବାର ସକାଳେ ପରିବାର ସଦସ୍ୟ ୧୦୨ ଜନନୀ ସୁରକ୍ଷା ଗାଡିକୁ ଡାକିଥିଲେ। ମାତ୍ର ସୁରକ୍ଷା ଗାଡି ଘର ନିକଟରେ ପହଞ୍ଚିବା ପରେ ଚାଳକ ସେବା ପ୍ରଦାନ ପାଇଁ ଟଙ୍କା ମାଗିଥିଲେ । ବାଧ ହୋଇ ଶିଶୁକନ୍ୟାଙ୍କ ବାପା ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇଙ୍କୁ ଡାକିଥିଲେ । ପଙ୍କଜ ପହଞ୍ଚିବାପରେ ଚାଳକ ଜଣକ ତାଙ୍କୁ ମଧ୍ୟ ଟଙ୍କା ମାଗିଥିଲେ । ଏ ଘଟଣାର ଭିଡିଓ ସୁଟିଙ୍ଗ କରିବାରୁ ବାଧ ହୋଇ ଡ୍ରାଇଭର ଜଣକ ଶିଶୁ କନ୍ୟାକୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶିବ ପ୍ରସାଦ ସେଠୀ ଶିଶୁ କନ୍ୟାଙ୍କୁ ତୁରନ୍ତ କଟକ ଶିଶୁଭବନ ନେଇଯିବାକୁ ପରାମର୍ଶ ଦେଇଥିଲେ । ଏନେଇ ତାଙ୍କ ମା' ମାନସିକସ୍ତରରେ ଅସନ୍ତୁଳ ହୋଇଯିବାରୁ ସେ ଶିଶୁ କନ୍ୟାକୁ କୋଳରେ ଧରି ପାରୁନଥିଲେ । ବାଧ ହୋଇ ପିଉସୀ ଶିଶୁ କନ୍ୟାକୁ ଧରିଥିଲେ। ମାତ୍ର ଶିଶୁ କନ୍ୟାଙ୍କ ମା' ବାପା ଓ ପିଉସୀଙ୍କୁ ଜନନୀ ସୁରକ୍ଷା ଗାଡ଼ିରେ ନେବାକୁ ଚାଳକ ମନା କରି ଦେଇଥିଲେ। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପଙ୍କଜଙ୍କ ସମେତ ଖବରକାଗଜ ବିକ୍ରେତା ଅକ୍ଷୟ ନାଥ ଓ ଆଲୋକ ଦଲାଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଫୋନ ଯୋଗେ ଡାକିବା ପରେ ପ୍ରାୟ ୪୫ ମିନିଟ ବିଳମ୍ବରେ ଗାଡ଼ିଟି କଟକ ଅଭିମୁଖେ ବାହାରିଥିଲା।

ସେହିପରି ୨ ସପ୍ତାହ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ୨ ଗୁରୁତରଙ୍କୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରୁ କଟକ ନେବାପାଇଁ ୧୦୮ ଆମ୍ବୁଲାନ୍ସ ଡକାଯାଇଥିଲା। ମାତ୍ର ସମ୍ପୃକ୍ତ ଗାଡ଼ି ଚାଳକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିଲେ ସୁଦ୍ଧା ପାରାଦୀପରେ ଅଛି ବୋଲି କହିଥିଲେ। କୁଜଙ୍ଗର କେତେଜଣ ସାମାଜିକ କର୍ମୀ ସେଠାରେ ପହଞ୍ଚି ସମ୍ପୃକ୍ତ ଚାଳକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପଛରେ ଥିବା ଦେଖି ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଅପରପକ୍ଷେ ସାମାଜିକ କର୍ମୀଙ୍କ ତାଗିଦା ଯୋଗୁ ସେ ନେବାକୁ ବାଧ ହୋଇଥିଲେ। ଏପରି ଆମ୍ବୁଲାନ୍ସ ଚାଳକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ପ୍ରସନ୍ନ ପଣ୍ଡା କହିଛନ୍ତି, ତଦନ୍ତ କରିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## କାର୍ତ୍ତିକ ବ୍ରତ ଆରମ୍ଭ

**ବିରିଡ଼ି,୨୯।୧୦(ପ୍ରଶାନ୍ତ କୁମାର ରାଉତ)**

ବିରିଡ଼ି ବ୍ଲକ ଅନ୍ତର୍ଗତ ହାଜିପୁରସ୍ଥିତ ମାଳିକା ପ୍ରସିଦ୍ଧ ମହାପୁରୁଷ ପଞ୍ଚସଖାଙ୍କ ସାଧନା କ୍ଷେତ୍ର ଧାନକୁଦ ପୀଠରେ ଥିବା ଜଗନ୍ନାଥ ମନ୍ଦିର ଏବଂ ୨୨ ମୌଜା ବାରଡ଼ିଆସ୍ଥିତ ସିଦ୍ଧେଶ୍ୱରଙ୍କ ପୀଠର ସିଦ୍ଧ ଜଗନ୍ନାଥ ମନ୍ଦିରରେ ରବିବାରଠାରୁ ମହାକାର୍ତ୍ତିକବ୍ରତ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଧାନକୁଦ ମନ୍ଦିରରେ ୪୦ ଓ ସିଦ୍ଧ ଜଗନ୍ନାଥ ମନ୍ଦିରରେ ୨୦ରୁ ଉର୍ଦ୍ଧ୍ୱ ହବିଷ୍ୟାଳି ମା' ବ୍ରତ ରଖିବା ସହ ପୂଜାର୍ଚ୍ଚନା କରିଛନ୍ତି। ଏହା ଏକ ମାସ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ମା'ମାନେ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭକ୍ତି ନୈବେଦ୍ୟ, ଧୂପ, ଦୀପ ପ୍ରଦାନ କରି ଠାକୁରଙ୍କ ସ୍ତୁତି ଗାନ କରିଛନ୍ତି। ଏହାପରେ ବୃନ୍ଦାବତୀଙ୍କ ପାଖରେ ରାଧାଦାମୋଦରଙ୍କ ଫଟୋଚିତ୍ର ସ୍ଥାପନ କରି ପୂଜା କରିଥିଲେ। ବ୍ରତାଧାରୀଙ୍କ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରହିବା, ଖାଇବା ଓ ସ୍ୱାସ୍ଥ୍ୟସେବା ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com


@ ଦିଲୀପ


@ ଲକ୍ଷ୍ମୀଧର


@ ମୈତ୍ରୀ


@ ଶୁଭେନ୍ଦୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ଆବଶ୍ୟକ


ମହାବାତ୍ୟାରେ ମୃତକଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମୂହ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି।

**ଏରସମା,୨୯।୧୦ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)**

ଏରସମା ବ୍ଲକ ପରିସରରେ ରବିବାର ମହାବାତ୍ୟା ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ମହାପାତ୍ର, ବିଡିଓ ଲମ୍ବୋଦର ଖୁଣ୍ଟିଆ, ଜିଲା ପରିଷଦ ସଭ୍ୟ ରାନୀ ଟୁଡୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ସ୍ୱାଇଁ, ନଳିନୀ ରଞ୍ଜନ ମନ୍ତ୍ରୀ, ଜ୍ଞାନରଞ୍ଜନ ବାରିକ, ହୃଷୀକେଶ ରାଉତରାୟ ପ୍ରମୁଖ ଯୋଗଦେଇ ବ୍ଲକ ପରିସରରେ ସମୂହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ମହାବାତ୍ୟାର ମୃତକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅଧ୍ୟକ୍ଷା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଡିଓ ଲମ୍ବୋଦର ଖୁଣ୍ଟିଆ କହିଥିଲେ, ମହାବାତ୍ୟାର ବିପର୍ଯ୍ୟୟରେ ଦୀର୍ଘ ଦିନ ଧରି ଗଢା ଯାଇଥିବା ସବୁଜ ସୁନ୍ଦର ଏରସମା ଧ୍ୱଂସସ୍ତୁପରେ ପରିଣତ ହୋଇଥିଲା, ସେମାନଙ୍କୁ ମନେ ପକାଇବା ସହ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ। କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଏଥିରେ ରୋଜଗାର ସେବକ, ଅଙ୍ଗନୱାଡ଼ି କର୍ମୀ, ଏସଏଚ୍‌ଜି ସଦସ୍ୟାମାନେ ଯୋଗଦେଇଥିଲେ।

# ସାହିତ୍ୟ ସୁପଥର ବାଟ ଦେଖାଏ

**ବାଲିଘର ଫାଉଣ୍ଡେଶନ ସାରସ୍ୱତ ସାହିତ୍ୟ ଆସର**

**ତିର୍ତ୍ତୋଲ, ୨୯।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)**

ତିର୍ତ୍ତୋଲ ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତ ଖଡ଼ଗପୁର ମଠ ପରିସରରେ ସାହିତ୍ୟ, ସାମାଜିକ ବାଲିଘର ଫାଉଣ୍ଡେଶନ ପକ୍ଷରୁ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ କବି ଜ୍ୟୋତି ସାହୁ ସଭାପତିତ୍ୱ କରିଥିଲେ। ଆଇନଜୀବୀ ସୁଧୀର ଚନ୍ଦ୍ର ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟ ସବୁ ସମୟରେ ଲୋକମାନଙ୍କୁ ଖରାପ ରାସ୍ତା ଛାଡ଼ି ସୁପଥରେ ଚାଲିବାକୁ ବାଟ ଦେଖାଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବୀର ନାରାୟଣ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ତପନ କୁମାର ସାମନ୍ତରାୟ, ଅବସରପ୍ରାପ୍ତ ସ୍ଥଳସେନା ଅଧିକାରୀ ଭଞ୍ଜ କିଶୋର ବେଉରା, ପଣ୍ଡିତ ନାଗମଣିକର, ସାମାଜିକ କର୍ମୀ ଚରଣ ରାଉତ, ବିଜୟ କୁମାର ଦାସ, ପ୍ରଦୀପ୍ତ କୁମାର ଲେଙ୍କା, କବି ଶ୍ୟାମ ସୁନ୍ଦର ବେହେରା, ହୃଷୀକେଶ ଜେନା, ଶ୍ରୀକାନ୍ତ ଦାଶ, ରବି ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ବରିଷ୍ଠ ସଂସ୍କୃତ ବିଶାରଦ ତଥା ଭାସ୍କର ଚନ୍ଦ୍ର ଶତପଥୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ୩ ଜଣ ବରିଷ୍ଠ ନାଗରିକଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।



## ଉପକୂଳ ସୁରକ୍ଷା ପାଇଁ ବନୀକରଣ

**ଏରସମା,୨୯।୧୦ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)**

ମହାବାତ୍ୟା ସ୍ମୃତିରକ୍ଷା ଓ ଉପକୂଳ ସୁରକ୍ଷା ପାଇଁ ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକି ପଞ୍ଚାୟତସ୍ଥିତ କାଙ୍କଣ ରାଜସ୍ୱ ଗ୍ରାମ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବନୀକରଣ କରାଯାଇଛି। ଶ୍ରଦ୍ଧା ସାମାଜିକ ସଙ୍ଗଠନ, ପିପିଏଲ ଓ ଇଉରୋପୀୟାନ ସଲିଡେଟାରୀ କର୍ପୋରେଶନ ପକ୍ଷରୁ ଅମ୍ବିକା ପ୍ରସାଦ ନନ୍ଦଙ୍କ ତତ୍ତ୍ୱାବଧାନରେ ଏହି ବନୀକରଣ କାର୍ଯ୍ୟକ୍ରମ କରାଯାଇଥିଲା। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ଉପଦେଷ୍ଟା ଶାରଦା ପ୍ରସନ୍ନ ଜେନା ଚାରା ରୋପଣ କରି ଏହାର ଶୁଭାରମ୍ଭ କରିଥିଲେ। ସମୁଦ୍ର ଉପକୂଳରେ ମୃତ୍ତିକା କ୍ଷୟ, ଝଡ଼ ଓ ଲୁଣା ଜୁଆର ରୋକିବା ଲକ୍ଷ୍ୟରେ ୨୫୦ ମ୍ୟାନଗ୍ରୋଭ ଚାରା ରୋପଣ କରାଯାଇଥିଲା। ଅନୁଷ୍ଠାନ ତରଫରୁ ପାରାଦୀପଠାରୁ ଏରସମାସ୍ଥିତ ଉପକୂଳ ଅଞ୍ଚଳରେ ୫୦,୦୦୦ ଚାରାରୋପଣ କରାଯିବ ବୋଲି ଶ୍ରଦ୍ଧାର ନିର୍ଦ୍ଦେଶକ ହାପି ବାରିକ କହିଛନ୍ତି। ଏଥିରେ ୬ଟି ଦେଶର ୧୨ଜଣ ବିଦେଶୀ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ସମୀର କୁମାର ଜେନା, ସୁଶାନ୍ତ ମାଇତି, ଧନଞ୍ଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଫେରାର ଅଭିଯୁକ୍ତ ଗିରଫ

**ବାଲିକୁଦା, ୨୯।୧୦ (ତାପସ ସ୍ୱାଇଁ)**

ବାଲିକୁଦା ପୋଲିସ ଶନିବାର ରାତିରେ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟରେ ହାଜିର କରିଛି। ଅଭିଯୁକ୍ତ ହେଉଛନ୍ତି, ଏରସମା ଥାନା ଅଧୀନ ଚମ୍ପାହାଟ ବିହସାହି ଗାଁର ଅରୁପାନନ୍ଦ ବେହେରା। ତାଙ୍କ ଘର ଚମ୍ପାହାଟରେ ହୋଇଥିବା ବେଳେ ସେ ବାଲିକୁଦା ଥାନା ଅଧୀନ ସିଂହାରପୁର ଗାଁରେ ରହି ଆସୁଥିଲା। ଅରୁପାନନ୍ଦ ନାମରେ ୨୦୧୫ରୁ ଏକ ମାମଲା ରହିଥିଲା। ସେ ଫେରାର୍ ରହିଥିବାରୁ କୋର୍ଟ ଜାମିନି ବିହୀନ ଗିରଫ ପରୱାରା ଜାରି କରିଥିଲେ। ସେହିପରି ତାକୁ ଗିରଫ କରି ହାଜିର କରିବାକୁ କୋର୍ଟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେ ଶନିବାର ରାତି ସାଢେ ୧୦ ଟାରେ ଡେଙ୍ଗାପୋଲ ଛକ ନିକଟ ହନୁମାନ ମନ୍ଦିରରେ ବୁଲୁଥିବା ବେଳେ ପୋଲିସ ତାଙ୍କ ସେଠାରୁ ଗିରଫ କରିଥିଲା।

# ଖୋଲୁଛି ଗୁମର: ୮ ମାସର ଗର୍ଭବତୀ ଥିଲେ ଯୁବତୀ

**ବାଲିକୁଦା, ୨୯।୧୦(ତାପସ ସ୍ୱାଇଁ)**

**ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଞ୍ଚଳରେ ଶୁକ୍ରବାର ସନ୍ଦେହଜନକ ଭାବେ ଜଣେ ଯୁବତୀଙ୍କ ମୃତ୍ୟୁର ଗୁମର ଫିଟିବାରେ ଲାଗିଛି। ମୃତା ଯୁବତୀ ଜଣକ ୮ ମାସର ଗର୍ଭବତୀ ଥିବା ବ୍ୟବଚ୍ଛେଦ ବେଳେ ଜଣାପଡ଼ିଛି। ଯୁବତୀଙ୍କ ଗୋଡ଼ ଖସିଯିବାରୁ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ସବୁ କିଛିକୁ ପଦାରେ ପକାଇ ଦେଇଛି। ପରିବାର ଲୋକ ଏହା କିଭଳି ଜାଣି ପାରିଲେ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଯୁବତୀଙ୍କ ମୃତଦେହରୁ ଉଦ୍ଧାର କରାଯାଇଥିବା ମୃତ ଶିଶୁର ଡିଏନଏ ଟେଷ୍ଟ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଏ ନେଇ ସ୍ଥାନୀୟ ପୋଲିସକୁ ଜଗତ୍‌ସିଂହପୁର ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ରବିବାର ଘଟଣାସ୍ଥଳରେ ଏସ୍‌ଡିପିଓ ରମେଶ ସିଂ, ବାଲିକୁଦା ଆଇଆଇସି ସଲୀଳ ପ୍ରଧାନ ଓ ଫାଣ୍ଡି ଅଧିକାରୀ ବୈକୁଣ୍ଠନାଥ ଘଡ଼ାଇ ପହଞ୍ଚି ଥିଲେ। ତଦନ୍ତ ସମୟରେ ଜଣେ ଔଷଧ ଦୋକାନୀ ସାମ୍ନାକୁ ଆସିଛନ୍ତି। ସେହି ଔଷଧ ଦୋକାନୀ ଯୁବତୀଙ୍କୁ ଗର୍ଭପାତ ଔଷଧ ଓ ଇଞ୍ଜେକସନ ଦେଇଥିବା ଚର୍ଚ୍ଚା ହେଉଛି। ତେବେ କିଏ ସେହି ବ୍ୟକ୍ତି ଯିଏ ଯୁବତୀଙ୍କୁ ଗର୍ଭବତୀ କରିଥିଲେ ତାହାର ତଦନ୍ତ ଚାଲିଛି। ସେହି ବ୍ୟକ୍ତିଙ୍କୁ ଗିରଫ କରାଗଲେ ଘଟଣାର ପର୍ଦ୍ଦାଫାସ ହେବ ବୋଲି କୁହାଯାଉଛ। ସୂଚନାଯୋଗ୍ୟ, ଯୁବତୀ ଜଣକଙ୍କ ମୃତଦେହ ଶୁକ୍ରବାର ଘର ପଛପାଖ ପୋଖରୀରୁ ଉଦ୍ଧାର କରି ପରିବାର ଲୋକେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିପର୍ଯ୍ୟୟ ପାଇଁ ପ୍ରତ୍ୟେକ ସଜାଗ ରହିବା ଜରୁରୀ

**ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ**

**ଜଗତ୍‌ସିଂହପୁର, ୨୯।୧୦ (ପ୍ରମୋଦ କୁମାର ନାୟକ)**


ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

୧୯୯୯ ମହାବାତ୍ୟା ଆମ୍ଭମାନଙ୍କୁ ଅନେକ କିଛି ଶିକ୍ଷା ଦେଇଛି। ଏହା ଆଗାମୀ ଦିନରେ ଯେ କୌଣସି ପ୍ରକାର ବିପର୍ଯ୍ୟୟର ମୁକାବିଲା ପାଇଁ ଲୋକଙ୍କୁ ଧୈର୍ଯ୍ୟ, ଶକ୍ତି ଓ କୌଶଳ ଶିଖାଇଛି। ତଥାପି ପ୍ରତ୍ୟେକଙ୍କୁ ସଜାଗ ରହିବାକୁ ପଡ଼ିବ। ରବିବାର ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ତଥା ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ଦେଶର ପ୍ରମୁଖ ରାଜ୍ୟ ଭାବରେ ପରିଚିତ। ଏହା ଓଡ଼ିଶା ସରକାରଙ୍କ ସଫଳତା ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ଜିଲାପାଳ ପାରୁଲ ପଟାୱାରି ପୌରୋହିତ୍ୟ କରି ବିପର୍ଯ୍ୟୟ ସମୟରେ ମୁକାବିଲା କରିବା ପ୍ରତ୍ୟେକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଦୋହରାଇଥିଲେ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲା ନିଜର ଦକ୍ଷତା ପ୍ରତିପାଦିତ କରିଛି। ଗ୍ରାମ ପଞ୍ଚାୟତଠାରୁ ପୌର ପରିଷଦ ପର୍ଯ୍ୟନ୍ତ ଲୋକେ ସଚେତନ ଓ ସଜାଗ ରହୁଥିବାରୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇ ଦିଆଯାଇପାରୁଛି। ଓଡ୍ରାଫ୍, ଆପଦ ମିତ୍ର, ଅଗ୍ନିଶମ ବାହିନୀ, ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନେ ମଧ୍ୟ ଅନେକ ସମୟରେ ସାହସିକତା ଦେଖାଉଛନ୍ତି। ସୌଭାଗ୍ୟ ଓଡ଼ିଶା ଆଜି ସାରା ବିଶ୍ୱରେ ବିପର୍ଯ୍ୟୟ ପ୍ରସ୍ତୁତିରେ ରୋଲ ମଡେଲ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ସତର୍କ, ସଜାଗ ଓ ସାହସିକତା ହିଁ ସମାଧାନ। ଓଡ଼ିଶା ସରକାରଙ୍କ ଜିରୋ କାଜୁଆଲିଟି ଆମର ପ୍ରଥମ ଲକ୍ଷ୍ୟ ବୋଲି ସେ କହିଥିଲେ। ସେହିପରି ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ମହାବାତ୍ୟାର କରାଳ ରୂପକୁ ମନେପକାଇ ଦେଇ ଚାରା ରୋପଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଜିଲା ଜରୁରୀ ବିଭାଗ ଅଧିକାରୀ ସୁଦର୍ଶନ ଗୁରୁ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସକାଳେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରୁ ସଚେତନତା ଶୋଭାଯାତ୍ରା ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଜିଲା ରେଡ୍‌କ୍ରସ ଅଫିସର ତ୍ରିଲୋଚନ ସାହୁ, ରାଇଚରଣ ତ୍ରିପାଠୀ, ବିଜୟ କୁମାର ରଥ, ଶରତ ବାରିକ, ଶରତ ମହାପାତ୍ର, ପ୍ରଜ୍ଞାପାରମିତା ଚୌଧୁରୀ, ଦୀପ୍ତି କୁମାର ଦାସ ଓ ସୁଷମା ପ୍ରଧାନଙ୍କ ସମେତ ଏକାଧିକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ତା'ପରେ ସଂସ୍କୃତି ଭବନ ସମ୍ମୁଖରେ ପଥପ୍ରାନ୍ତ ନାଟକର ଆୟୋଜନ ହୋଇଥିଲା। ଏହାକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଭାଷ କୁମାର ରାଉତ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଏଡିପିଆର୍‌ଓ) ପ୍ରତିଚୀ ତନୟା ମହାନ୍ତି ସଂଯୋଜନା କରିଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମୀ, ଓଡ୍ରାଫ ସଦସ୍ୟ, ଆପଦମିତ୍ର, ଏନ୍‌ସିସି ଓ ସ୍କାଉଟ ତଥା ଗାଇଡର ପିଲାମାନେ ଯୋଗଦେଇଥିଲେ। ଜିଲା ଜରୁରୀ ବିଭାଗ ଡିପିଓ ଆଶୁତୋଷ ମହାନ୍ତି, ଦୁର୍ଗା ପ୍ରସାଦ ଦାସ, ଦିପକ କୁମାର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବିଭିନ୍ନ ଗୋଷ୍ଠୀକୁ ସଶକ୍ତ କରାଯାଇଛି

**ନାଉଗାଁ,୨୯।୧୦(ସୁଧା ବେହୁରା)**

ମହାବାତ୍ୟାର ୨୪ ବର୍ଷ ସ୍ମୃତିଚାରଣ ଅବସରରେ ନାଉଗାଁ ବ୍ଲକର ସମ୍ମିଳନୀ କକ୍ଷରେ ରବିବାର ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳନ କରାଯାଇଛି। ଏବିଡିଓ ଦେବେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସିଡିପିଓ ବାସନ୍ତୀ ମାଇନି, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଦିଲୀପ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ମହାବାତ୍ୟା ବିଷୟରେ ଆଲୋକପାତ କରାଯିବା ସହ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ବିଭିନ୍ନ ଗୋଷ୍ଠୀକୁ କିପରି ସଶକ୍ତ କରାଯାଇଛି ସେ ବିଷୟରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଅପରପକ୍ଷେ ଉକ୍ତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁପସ୍ଥିତ ଥିଲାବେଳେ ତାଙ୍କ ସ୍ୱାମୀ ଦିଲୀପ ପ୍ରତିନିଧିତ୍ୱ କରିଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷା ତୃପ୍ତି ଲେଙ୍କାଙ୍କୁ ପଚାରିବାରେ, ଦେହ ଖରାପ ଥିବାରୁ ଦିଲୀପ ସଭାରେ ଯୋଗଦେଇଥିବା କହିଛନ୍ତି।


 କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

## ସଂକ୍ଷେପରେ

### ବିପର୍ଯ୍ୟୟ ପରିଚାଳନା ଦିବସ

ଭାପୁର,୨୯।୧୦ (ଭରତ କୁମାର ବେହେରା)

ରବିବାର ଭାପୁର ବ୍ଲକ ପରିସରରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ତଥା ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାପୁର ଫାଣ୍ଡି ଅଧିକାରୀ ଏମ୍‌ଡି ଜାଫୁଲା, ବନପାଳ ବନମାଳୀ ରାଉତ,ପଶୁ ଚିକିତ୍ସକ ଡ.ମନୋଜ କୁମାର ଦାସ, ବ୍ଲକର ସମସ୍ତ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, କର୍ମଚାରୀ ଉପସ୍ଥିତ ଥିଲେ। ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯଥାସାଧ୍ୟ କ୍ଷମତା ମୁତାବକ ଜନସାଧାରଣ ଏବଂ ସରକାରୀ ଦଳକୁ ସାହାଯ୍ୟ କରିବା ପାଇଁ ଶପଥ ନେଇଥିଲେ। ଅଗ୍ନିଶମ ବିଭାଗର ଅଧିକାରୀ ରଙ୍କନିଧି ନାୟକଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର କର୍ମଚାରୀ ବିଦ୍ୟାଧର ପ୍ରଧାନ, ମନୋଜ କୁମାର ଦାସ, ଅଭିରାମ ପୃଷ୍ଟି, ଦୀପକ ନାୟକ, ରଶ୍ମୀରଞ୍ଜନ ନାୟକ, ଜ୍ଞାନ ରଞ୍ଜନ ରାଉତ ଓ ଜିତେନ୍ଦ୍ର ସାମଲ ପ୍ରମୁଖ ମକ୍ ଡ୍ରିଲ ମାଧ୍ୟମରେ ବିଭିନ୍ନ ପ୍ରକାରର କଳା କୌଶଳ ଦେଖାଇଥିଲେ। ଛାତ ଉପରେ ନିଆଁ ଲାଗିଲେ କିପରି ଜନସାଧାରଣଙ୍କୁ ଉଦ୍ଧାର କରାଯିବ, କୌଣସି ଘର ଭିତରେ ଗ୍ୟାସ୍ ଲିକ୍ ହେଲେ ବିପଦରେ ଥିବା ବ୍ୟକ୍ତିମାନଙ୍କୁ ନିରାପଦରେ କିପରି ଉଦ୍ଧାର କରାଯିବ। ବିଦ୍ୟୁତ୍ ନ ଥିବା ବେଳେ ଜେନେରେଟର ମାଧ୍ୟମରେ କିପରି ସେଠାରେ ଆଲୋକ ପ୍ରଦାନ କରାଯିବ ଏ ନେଇ ସମସ୍ତଙ୍କୁ ସଚେତନ କରାଯାଇଥିଲା।

### ଯୁବକଙ୍କୁ ଜାତିଆଣ ଆକ୍ଷେପ
#### ଜିଲା ପରିଷଦ ସଭ୍ୟଙ୍କ ବିରୋଧରେ ମାମଲା

ନୟାଗଡ଼/ଭାପୁର, ୨୯।୧୦
(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ଜଣେ ମହିଳା ୱାର୍ଡ ସଭ୍ୟଙ୍କ ପୁତୁରାଙ୍କୁ ୧୯ ନଂ. ଜୋନ ଜିଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ସାହୁ ଜାତିଆଣ ଆକ୍ଷେପ ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଫତେଗଡ଼ ଥାନା ପୋଲିସ ଏକ ମାମଲା(ନଂ.୧୫୨/୨୩) ଜିଲା ପରିଷଦ ସଭ୍ୟଙ୍କ ନାମରେ ରୁଜୁକରି ତଦନ୍ତ ଆରମ୍ଭ କରିଛି। ଗତ ୨୭ ତାରିଖ ପୂର୍ବାହ୍ନରେ ଭାପୁର ପଞ୍ଚାୟତ ବୈଠକ ଥିଲା। ୱାର୍ଡ ସଦସ୍ୟ ରୀତା ନାଏକ ତାଙ୍କ ପୁତୁରା ବୁଲୁ ନାୟକଙ୍କ ସହ ଭାପୁର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପଞ୍ଚାୟତରେ ଉପସ୍ଥିତ ଥିବା ୧୯ ନଂ.ଜୋନ ଜିଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ସାହୁ ରୀତାଙ୍କ ପୁତୁରା ବୁଲୁକୁ ଦେଖି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ଜାତିଆଣ ଆକ୍ଷେପ କରିଥିଲେ। ଏ ନେଇ ବୁଲୁ ପ୍ରତିବାଦ କରିବାରୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଅଫିସ ବାରଣ୍ଡା ନ ମାଡିବାକୁ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷେ ଅଫିସରେ ଉପସ୍ଥିତ ଅନ୍ୟ ୱାର୍ଡ ସଭ୍ୟଙ୍କୁ ମଧ୍ୟ ଜିଲା ପରିଷଦ ସଦସ୍ୟ ସାହୁ ସମାନ ଢଙ୍ଗରେ ଚେତାବନୀ ଦେଇଥିଲେ। ଫଳରେ ବୁଲୁ ସ୍ଥାନୀୟ ଥାନାରେ ଏତଲା କରିବା ସହ ନ୍ୟାୟ ପାଇଁ ଗୁହାରି କରିଥିଲେ। ଏନେଇ ଜିଲା ପରିଷଦ ସଦସ୍ୟ ସାହୁଙ୍କୁ ପଚାରିବାରୁ ଅଭିଯୋଗକୁ ମିଥ୍ୟା ବୋଲି କହିଥିଲେ। ରାଜନୈତିକ ଆକ୍ରୋଶ ରଖି ମିଛଟାରେ ମୋ ନାମରେ ଅଭିଯୋଗ କରାଯାଇଛି ବୋଲି କହିଛନ୍ତି। ପଞ୍ଚାୟତରେ ସିସିଟିଭି କ୍ୟାମେରା ଯାଞ୍ଚ କରାଯାଉ। ସତ୍ୟ ପଦାକୁ ଆସିବ ବୋଲି କହିଛନ୍ତି।

# ପାରମ୍ପରିକ ବାଦ୍ୟ, ନୃତ୍ୟରେ ମା'ଙ୍କୁ ମେଲାଣି

ଖଣ୍ଡପଡ଼ା,୨୯।୧୦ (ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ମା'ଦୂର୍ଗାଙ୍କ ଭସାଣି ଉତ୍ସବ ରବିବାର ଶେଷ ହୋଇଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଭସାଣି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ବିଶେଷ କରି କଣ୍ଟିଲୋ ଅଞ୍ଚଳରେ ଭସାଣି ଶୋଭାଯାତ୍ରା ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ଏଠାରେ ଗତ ୪ ବର୍ଷରୁ ଚାନ୍ଦିମେଢ ଆରମ୍ଭ କରାଯାଇଥିଲା। ପଞ୍ଚାୟତ ଅଧୀନ ହାଟମୁଣ୍ଡପାଟଣା ଓ କୃଷ୍ଣେଶ୍ୱର ପାଟଣା ଗ୍ରାମରେ ମା'ଙ୍କୁ ବିଦାୟ ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟର ବ୍ୟବହାର କରାଯାଇଥିଲା। ଶବ୍ଦ ପ୍ରଦୂଷଣ ପ୍ରତି ସ୍ଥାନୀୟ ଲୋକମାନେ ଯତ୍ନବାନ ଥିଲେ। ସେମାନେ କୌଣସି ଆଧୁନିକ ଯନ୍ତ୍ର ସଂଗୀତ ତଥା ଡିଜେ ସାଉଣ୍ଡ ପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ପାରମ୍ପରିକ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ମା'ଙ୍କୁ ବିଦାୟ ଦିଆଯାଇଥିବାରୁ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।





ମା'ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରାରେ ସାମିଲ ଅଘୋରୀ ନୃତ୍ୟ ଦଳ ଓ ପାରମ୍ପରିକ ଘଣ୍ଟବାଦ୍ୟ।

ଗ୍ରାମର ଜନକଲ୍ୟାଣ କ୍ଲବ୍ ଓ ବିଭିନ୍ନ କ୍ଲବ୍ ଦ୍ୱାରା ଆୟୋଜିତ ଭସାଣୀ ଶୋଭାଯାତ୍ରାରେ ପାରମ୍ପରିକ ଗୀତ, ନୃତ୍ୟ, ଘଣ୍ଟଘଣ୍ଟା ଓ ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ଏଥିସହିତ ଘୋଡା ନାଚ, ଓଡିଶୀ ନୃତ୍ୟ ଆଦି ଦେଖିବାକୁ ମିଳିଥିଲା। ଏଥିପାଇଁ ସନ୍ଧ୍ୟାଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜନ ସମାଗମ ଲାଗି ରହିଥିଲା। କୃଷ୍ଣେଶ୍ୱର କ୍ଲବ ଦ୍ୱାରା ଦଶହରା ଅବସରରେ ଗ୍ରାମ ପରିମଳ ଓ ପରିବେଶ, ନୀଳମାଧବ ଜୀଉଙ୍କ ଐତିହ୍ୟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଡ଼ିଜେ ସହ ବାଇଗୁଣିଆ ଅଞ୍ଚଳର ଘଣ୍ଟୁଆ ଦଳ, ବାଘ ଭାଲୁ ବଗ ଆଦି ପାଟପଟୁଆର, ସଂକୀର୍ତ୍ତନ ଓ ଢୋଲ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲା। ଜନକଲ୍ୟାଣ କ୍ଲବ୍ ପକ୍ଷରୁ ଢେଙ୍କାନାଳର ଦକ୍ଷିଣ କାଳୀ ସିଂଘ ବାଜା, ପୁରୀର ଓଡ଼ିଶୀ ନୃତ୍ୟ ଗ୍ରୁପ, ଉତ୍ତର ପ୍ରଦେଶ ଢାଞ୍ଚାରେ ଅଘୋରୀ ନୃତ୍ୟ, ବାଘ ନୃତ୍ୟ ସାଙ୍ଗକୁ ଘଣ୍ଟୁଆଙ୍କ ଘଣ୍ଟମାଡରେ ଦାଣ୍ଡ ପ୍ରକମ୍ପିତ ହେଉଥିଲା। କଣ୍ଟିଲୋ ଗ୍ରାମର ଫକୀରଅତବୁଦ୍ଧି ପାଟଣା, ରାଧାମୋହନଯୁବ କ୍ଲବ ଆଦି ବିଭିନ୍ନ ସାହିମେଢ ଭସାଣୀ ଶୋଭାଯାତ୍ରା ଦେଖିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଗହଳି ଲାଗି ରହିଥିଲା। କଣ୍ଟିଲୋ ଅଞ୍ଚଳର ୧୮ରୁ ଊର୍ଦ୍ଧ୍ୱ ମେଢ଼ ଏହି ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ସହଯୋଗର ମନୋବୃତ୍ତି ବାଟ ଦେଖାଏ

ନୟାଗଡ଼, ୨୯।୧୦ (ଲୋକନାଥ ମିଶ୍ର)

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ପ୍ରଶମନ ଦିବସ ପାଳିତ ହୋଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବକ୍ତାମାନେ ବିଭିନ୍ନ ଜିଲାରେ କାମ କରୁଥିବାବେଳେ ବିପର୍ଯ୍ୟୟ ସମୟର କାହାଣୀକୁ ମନେ ପକାଇ ସ୍ମୃତି ଚାରଣ କରିଥିଲେ। ଅଙ୍ଗ ନିଭା ଘଟଣା କହିଥିଲେ। ତେବେ ଏନେଇ ଅନୁଷ୍ଠିତ ସଭାରେ ବିପର୍ଯ୍ୟୟ ମୁକାବିଲାରେ ଗୋଷ୍ଠୀ ସଶକ୍ତୀକରଣର ଆବଶ୍ୟକତା ଓ ସହାୟତା ଉପରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇ ବିପର୍ଯ୍ୟୟ ପୂର୍ବ, ପର ଓ ବିପର୍ଯ୍ୟୟ ସମୟ ଉପରେ ଟିପ୍ପଣୀ ଦେଇଥିଲେ। ଅନ୍ୟପକ୍ଷେ ପଞ୍ଚାୟତରାଜ ପ୍ରତିନିଧି ୱାର୍ଡ ମେମ୍ବରଠାରୁ ଆରମ୍ଭ କରି ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟ କିପରି ବିପର୍ଯ୍ୟୟ ସମୟରେ କାମ କରିଥାନ୍ତି ସେ ଉପରେ ଆଲୋକପାତ କରିଥିଲେ। ସେହିଭଳି ବିପର୍ଯ୍ୟୟ ମନୁଷ୍ୟ କୃତ ଓ ପ୍ରକୃତି ଦତ୍ତ ଉପରେ ଆଲୋକପାତ କରିଥିଲେ। ଜିଲା ପରିଷଦର ନିର୍ବାହୀ ଅଧିକାର ସୂଚାରୁ କୁମାର ବଳ ବାହାନାଗା ଟ୍ରେନ ଟ୍ରାଜେଡି, ୧୯୯୯ ମହାବାତ୍ୟାରେ



ଜିଲାପାଳ ଓ ପ୍ରଶାସନିକ ଅଧିକାରୀମାନେ ଶପଥପାଠ କରୁଛନ୍ତି।

- ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ
- ଅଙ୍ଗେ ନିଭାଇ ଥିବା କଥା କହିଲେ ଅତିଥି

ନିଜର ଅନୁଭୂତିକୁ ବଖାଣିଥିଲେ। ୧୯୯୯ ମହାବାତ୍ୟା ପରେ ବିପର୍ଯ୍ୟୟ ସହ ଲଢ଼ି ଲଢ଼ି ସାହସ ଆସିଗଲାଣି କହିଥିଲେ। ପୂର୍ବରୁ ବିପର୍ଯ୍ୟୟ ନେଇ କିଛି ଜାଣି ହେଉ ନ ଥିଲା। ଏବେ ସରକାରଙ୍କ ପକ୍ଷରୁ ଆଗୁଆ ସୂଚନା ଦିଆଯାଉଛି। ଉପଜିଲାପାଳ ଶକ୍ତିକାନ୍ତ ରାୟ ୧୯୯୯ ପରଠାରୁ ୨୦୨୩ ପର୍ଯ୍ୟନ୍ତ ଦେଖା ଦେଇଥିବା ବିଭିନ୍ନ ସମୟର ପ୍ରାକୃତିକ ବିପର୍ଯ୍ୟୟ ଉପରେ ତଥ୍ୟ ରଖିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ତଥା ଡେପୁଟି କଲେକ୍ଟର ଅନନ୍ୟା ତ୍ରିପାଠୀ କହିଥିଲେ ବିପର୍ଯ୍ୟୟ ପୂର୍ବରୁ, ପରେ ଓ ବିପର୍ଯ୍ୟୟ ସମୟରେ ଆମେ ଏକାଠି କାମ କରିବା ଦରକାର। ସମସ୍ତେ ମିଳିମିଶି କାମ କଲେ ବିପର୍ଯ୍ୟୟକୁ ମୁକାବିଲା କରିବାରେ ସମର୍ଥ ହେବା।

ଜିଲାପାଳ ରବୀନ୍ଦ୍ର ନାଥ ସାହୁ କହିଲେ ବିପର୍ଯ୍ୟୟର ମୁକାବିଲା ପାଇଁ ସରକାର ନୟାଗଡ଼ ଜିଲା ପାଇଁ ୨୦୦ ଆପଦା ମିତ୍ର ନିଯୁକ୍ତି ଦେଇଛନ୍ତି। ଯେଉଁମାନେ ବିପର୍ଯ୍ୟୟ ସମ୍ପର୍କିତ ତାଲିମ ନେଇଛନ୍ତି। ସେମାନଙ୍କ ପାଖରେ ମଧ୍ୟ ବିପର୍ଯ୍ୟୟ ମୁକାବିଲା ପାଇଁ କିଛି କିଟ୍ ପ୍ରଦାନ କରାଯାଇଛି। ସରକାରଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ ହୋଇଥିବାରୁ ସହଯୋଗ ମନୋବୃତ୍ତି ନେଇ କାମ କରିବାକୁ କୁହାଯାଉଛି। ବିପର୍ଯ୍ୟୟକୁ ମୁକାବିଲା ପାଇଁ ପ୍ରତିବର୍ଷ ବୈଠକ କରାଯାଇ କାର୍ଯ୍ୟଖସଡ଼ା ପ୍ରସ୍ତୁତି କରାଯାଉଛି। ନିମାପଡ଼ାରେ ତହସିଲଦାର ଥିବାବେଳେ ୧୯୯୯ ମହାବତ୍ୟାର ସ୍ମୃତି ବଖାଣିଥିଲେ। ଶେଷରେ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ଶ୍ରମଦାନ କରିବି ଓ ମିଳିମିଶି କାମ କରିବି ବୋଲି ଏକ ଶପଥ ପାଠ କରାଯାଇଥିଲା। ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ, ୨ୟ ଓ ତୃତୀୟ ସ୍ଥାନ ଅକ୍ତିଆର କରିଥିବା କଲେଜ, ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଏହାକୁ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ବିପର୍ଯ୍ୟୟ ଉପରେ ସଚେତନତା ପାଇଁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ନୟାଗଡ ଟାଉନ ଥାନା ଦେଇ ସହର ପରିକ୍ରମା କରିଥିଲା।

# ୨୧ ହାତ ନିଆଁ ଗାଡ଼ରେ ଚାଲିଲେ ଭକ୍ତ

ନୟାଗଡ଼,୨୯।୧୦(ଲୋକନାଥ ମିଶ୍ର)

### ଆଶ୍ୱିନ ପର୍ବ ଉଦ୍‌ଯାପିତ

ନୂଆଁଗାଁ ବ୍ଲକର ଗୁଡୁପାଙ୍ଗି, ଓଡ଼ଗାଁ ବ୍ଲକର ଗୋଡିପଡା, ନୟାଗଡ ବ୍ଲକର ନଡିଆଳି, ଇଟାମାଟି ପରି ନୟାଗଡ ଜିଲାର ବିଭିନ୍ନ ସ୍ଥାନରେ ମା'ମଙ୍ଗଳାଙ୍କ ପୀଠରେ ଚାଲିଥିବା ଆଶ୍ୱିନ ପର୍ବ କୁମାର ଉତ୍ସବରେ ଉଦ୍‌ଯାପିତ ହୋଇ ଯାଇଛି। ଏହି ଅବସରରେ ସ୍ଥାନୟ ଅଞ୍ଚଳରେ ଠାକୁରାଣୀ ସୁସଜ୍ଜିତ ପଟୁଆରରେ ଗ୍ରାମ୍ୟ ପରିକ୍ରମା କରିଥିଲେ। ମଙ୍ଗଳାବ୍ରତ ଧାରୀ କୁମାରପୂର୍ଣ୍ଣିମାରେ ନିଆଁଗାଡ଼ରେ ଚାଲିଥିଲେ। ନଡିଆଳି ଗାଁରେ ଓ ଗୁଡୁପାଙ୍ଗିରେ ୨୧ ହାତ ନିଆଁଗାଡ ହୋଇଥିଲା। ଅନ୍ୟପକ୍ଷେ ଗାଁ ଯୁବକଙ୍କ ଦ୍ୱାରା ଗୁଡୁପାଙ୍ଗିରେ ୨ଟି ପୌରାଣିକ ନାଟକ ସହ ୩ଟି ସମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା।



କାଳିଶିମାନେ ନିଆଁରେ ଚାଲୁଛନ୍ତି।

# ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ନୂଆଗାଁ,୨୯।୧୦ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ରବିବାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ -୨୦୨୩ ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ ହୋଇ ଯାଇଛି। ନୂଆଗାଁ ବ୍ଲକ ପ୍ରଶାସନ ପକ୍ଷରୁ ନୂଆଗାଁ ବ୍ଲକ ଯୋଗାଣ ନିରୀକ୍ଷକ ବି.ଶ୍ରୀହର୍ଷଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀ ସଶକ୍ତିକରଣ ସକ୍ଷମ ଓ ପରାକ୍ରମ ଓଡ଼ିଶା ଗଠନ ନିମନ୍ତେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ର ନୂଆଗାଁ ସ୍କୁଲଠାରୁ ଏକ ଶୋଭାଯାତ୍ରାରେ ବାହାରି ନୂଆଗାଁ ବଜାର ଦେଇ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ବିପର୍ଯ୍ୟୟ ସମୟରେ ସହଯୋଗର ଆବଶ୍ୟକତା ଥିବା ଅଗ୍ନିଶମ ବିଭାଗ, ପୋଲିସ ପ୍ରଶାସନ, ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିଶୁ କଲ୍ୟାଣ ଆଦି ବିଭାଗର କର୍ମଚାରୀମାନେ ଏଥିରେ ସାମିଲ ହୋଇ ଛାତ୍ରୀଛାତ୍ରଙ୍କ ସହ ବିପର୍ଯ୍ୟୟ ସମ୍ବନ୍ଧିତ ବିଷୟରେ ଆଲୋଚନା କରିଥିଲେ। ନୂଆଗାଁ ଅଗ୍ନିଶମ ବିଭାଗର ଷ୍ଟେଶନ ଅଫିସର ଅପୂର୍ବ ରଞ୍ଜନ ସାହୁ ବିପର୍ଯ୍ୟୟ ସମୟରେ କିଭଳି ପ୍ରସ୍ତୁତ ରହିବାକୁ ହେବ ଏବଂ ବିପର୍ଯ୍ୟୟକୁ କିଭଳି ମୁକାବିଲା କରିବାକୁ ପଡିବ ସେ ସଂକ୍ରାନ୍ତରେ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ। ନୂଆଗାଁ ବ୍ଲକ କମ୍ପ୍ୟୁଟର ପ୍ରୋଗ୍ରାମର ତୁଷାରକାନ୍ତ ପାଣିଗ୍ରାହୀ ଛାତ୍ରୀଛାତ୍ରମାନଙ୍କୁ ବିପର୍ଯ୍ୟୟ ବାବଦରେ ସୂଚନା ଦେଇଥିଲେ। ବିପର୍ଯ୍ୟୟକୁ ନେଇ ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଓ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗାଣ ନିରୀକ୍ଷକ ବି.ହର୍ଷ, ଅଗ୍ନିଶମ ଷ୍ଟେଶନ ଅଫିସର ସାହୁ, ପ୍ରାଣୀ ଚିକିତ୍ସକ ପ୍ରିୟଙ୍କା ସ୍ୱାଇଁ, ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କବିତା ଦାସ, ବାହାଡାଝୋଲା ସମିତି ସଭ୍ୟ ମୀତା ଅଧିକାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ଭାପୁର ବିଜେଡିର ସାଙ୍ଗଠନିକ ବୈଠକ

ଭାପୁର,୨୯।୧୦(ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକରେ ଶନିବାର ବିଜେଡିର ସାଙ୍ଗଠନିକ ବୈଠକ ପଦ୍ମାବତୀସ୍ଥିତ ମହାନଦୀ କୂଳ ବାଲୁଙ୍କେଶ୍ୱର ଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଭାପୁର ବ୍ଲକର ୨୦ ପଞ୍ଚାୟତରୁ ସରପଞ୍ଚ,ସମିତି ସଭ୍ୟ ଓ ଛାମୁଆକର୍ମୀମାନେ ଯୋଗଦେଇ ଆଗାମୀ ବିଧାନସଭା ନିର୍ବାଚନୀରେ ଦଳ କିପରି ସଙ୍ଗଠିତ ହୋଇ ଲଢିବ ଆଲୋଚନା ହୋଇଥିଲା। ୱାର୍ଡସ୍ତରରୁ ଦଳକୁ ମଜଭୁତ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରତି ପଞ୍ଚାୟତରେ ତୃଣମୂଳସ୍ତରରେ କର୍ମୀଙ୍କ ପ୍ରସ୍ତାବକୁ ଅଗ୍ରାଧିକାର ଦେବାପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ବିଜୁ ଜନତା ଦଳକୁ ଦୃଢ କରିବା ପାଇଁ କର୍ମୀମାନେ ସଙ୍କଳ୍ପ ନେଇଥିଲେ। ଉପାଧ୍ୟକ୍ଷ ସମସ୍ତ ପଞ୍ଚାୟତର ଜନପ୍ରତିନିଧି ଓ ନେତୃବୃନ୍ଦଙ୍କୁ କହିଥିଲେ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଭାପୁର ବ୍ଲକର ସମସ୍ତ ପଞ୍ଚାୟତକୁ ଆସିଥିବା ୫୦ଲକ୍ଷ ଟଙ୍କାର ଅନୁଦାନରେ ଚାଲିଥିବା ପ୍ରକଳ୍ପଗୁଡ଼ିକୁ ଫେବୃଆରୀ ମାସ ସୁଦ୍ଧା ଶେଷ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତି ପଞ୍ଚାୟତରେ ସାଙ୍ଗଠନିକ ବୈଠକ କରାଯିବା ସହିତ ସମସ୍ତ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବାକୁ ପ୍ରଧାନ ସୂଚନା ଦେଇଥିଲେ। ସମସ୍ତ ଜନପ୍ରତିନିଧି, ଛାମୁଆଁ ନେତା ନିଜ ନିଜ ପଞ୍ଚାୟତର ସମସ୍ୟା ସମ୍ପର୍କରେ କହିଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, କରବର ସମିତି ସଭ୍ୟ ତପନ କୁମାର ମହାପାତ୍ର, ରାକମା ସମିତି ସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ, ସନ୍ତୋଷ କୁମାର ତ୍ରିପାଠୀ, ବିଜୟ କୁମାର ପଟ୍ଟନାୟକ, ବସନ୍ତ କୁମାର ନାୟକ, ଅଜିତ୍ କୁମାର ପାଇକରାୟ, ଅଜୟ କୁମାର ମଲିକ୍, ପ୍ରଫୁଲ୍ଲ କୁମାର ଗୋଛି, ଅକ୍ରୁର ସ୍ୱାଇଁ, ମାନସ କୁମାର ବେହେରା, କାହ୍ନୁଚରଣ ପ୍ରଧାନ, ନବକିଶୋର ସାହୁ, ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ସାଙ୍ଗଠନିକ ବୈଠକରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

# ଶିଶୁ ଶାରଦୀୟ କୁମାର ଉତ୍ସବ

ଖଣ୍ଡପଡ଼ା,୨୯।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଶାରଦୀୟ କୁମାର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଖଣ୍ଡପଡା ସହରର ଦାଣ୍ଡସାହିରେ ଦୀର୍ଘ ୬୮ ବର୍ଷ ହେଲା ଶାରଦୀୟ କୁମାର ଉତ୍ସବ ପାଳିତ ହୋଇ ଆସୁଥିବା ବେଳେ ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରଥମ ନଗରପାଳ କିଶୋର ଚନ୍ଦ୍ର ଦାଶ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷୟିତ୍ରୀ ଶୈଳବାଳା ରଥ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଦାସ ଯୋଗଦେଇ ଦୀର୍ଘ ୬୮ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପାଳିତ ହୋଇ ଆସୁଥିବା ଏହି ପାରମ୍ପରିକ ଉତ୍ସବର ସଫଳତା ପାଇଁ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ। ଉତ୍ସବ ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଯୁବ ସଙ୍ଗଠକ ନିରଞ୍ଜନ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।

ସେହିପରି ଗଡ ଭିତର ସାହିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖଣ୍ଡପଡା ସହରାଞ୍ଚଳ ସ୍ଥିତ ରଥଗଡା ଛକ, ବଜାରସାହି, ମଣିକର୍ଣ୍ଣିକା ସାହି ଓ ତଳସାହି ଆଦିବିଭିନ୍ନିସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଅତିଥିମାନେ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ କୋମଳମତୀ ଶିଶୁମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ଶାରଦୀୟ କୁମାର ଉତ୍ସବ ଲକ୍ଷ୍ୟ ବୋଲି ମତ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତୀତ୍ୱ ହାସଲ କରିଥିବା କୁମାରୀ,କୁମାରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପରେ କୁମାରୀ,କୁମାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଜନସାଧାରଣ ମନଭରି ଉପଭୋଗ କରିଥିଲେ। ସେହିପରି ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧୀନ ମହୁଲପଡା ଗ୍ରାମ ନିକଟ ପାହାଡ଼ ଉପରେ ଥିବା ବାତରା ମଠ ପରିସରରେ ବିଜେ ମା'ବାତରାଣୁଣୀଙ୍କ କୁମାର ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ସହ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ଶିଶୁ ଶାରଦୀୟ କୁମାର ଉତ୍ସବରେ ମଞ୍ଚାସୀନ ଅତିଥି।


କାଳିଆପାଣି କ୍ରୋମ ଖଣି ଅଞ୍ଚଳର ରାସୋଳ ମହାନ୍ତ ସାହିରେ ଗଜଲକ୍ଷ୍ମୀ ପୂଜା।


ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତର ନହଙ୍ଗାପାଟଣାରେ ପୂଜା ପାଉଥିବା ମା’ ଗଜଲକ୍ଷ୍ମୀ।


ବାଲିଚନ୍ଦ୍ରପୁର ମୁଖ୍ୟ ଲକ୍ଷ୍ମୀବଜାରରେ ଗଜଲକ୍ଷ୍ମୀ ପୂଜା।


ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତର ନରସିଂହପୁରରେ ଗଜଲକ୍ଷ୍ମୀଙ୍କ ପୂଜା।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦିଲୀପ


@ ଲକ୍ଷ୍ମୀଧର


@ ମୈତ୍ରୀ


@ ଶୁଭେନ୍ଦୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଇଁଫୁଲ କୋଠିରେ ବଞ୍ଚିଛି ପ୍ରାଚୀନ କଳାକୃତି

- ସଦାନନ୍ଦପୁର ଗାଁକୁ କୋଠି ଗାଁ ମାନ୍ୟତା ପ୍ରଦାନ କରିବାକୁ ଦାବି
- ପ୍ରତ୍ୟେକ ପରିବାର ଦୁଆରେ କୋଠିର ସମ୍ଭାର ଦର୍ଶକଙ୍କୁ ଆକର୍ଷିତ କରିଥାଏ

**ରସୁଲପୁର,୨୯।୧୦(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ସଦାନନ୍ଦପୁର ଗାଁରେ କଇଁଫୁଲ କୋଠି ମାଧ୍ୟମରେ ପ୍ରାଚୀନ କଳାକୃତି ବଞ୍ଚି ରହିଛି। ଏହାକୁ ବଞ୍ଚାଇ ରଖିବା ପାଇଁ ଗାଁର କୁମାରୀମାନେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ନିଆରା ପ୍ରୟାସ ଜାରି ରଖିଛନ୍ତି।

କଇଁଫୁଲ ପାଖୁଡ଼ା ସାଙ୍ଗକୁ ବିଭିନ୍ନ କିସମର ରାସାୟନିକ ରଙ୍ଗ, ଅବିର, ହାତ ତିଆରି ମୁରୁଜ ମିଶ୍ରଣରେ କୋଠିକୁ ମନୋରମ କରାଯାଉଛି। ଯାହାକି ଏବେ ବିଭିନ୍ନସ୍ଥାନର ଲୋକଙ୍କ ପାଇଁ ଏହି ଗାଁ ଏକ ଦର୍ଶନୀୟ ସ୍ଥଳରେ ପରିଣତ ହୋଇଛି। ମନଲୋଭା କୋଠିଗୁଡ଼ିକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ଆସୁଥିବା ଦର୍ଶକମାନେ ବିମୁଗ୍ଧ ହେବା ସହ ରାମାୟଣ, ମହାଭାରତ, ବିଷ୍ଣୁପୁରାଣ ଭଳି ବଡ଼ବଡ଼ ପୌରାଣିକ ଗାଥାକୁ କୋଠି ଜରିଆରେ ପ୍ରତିପାଦିତ କରିବାର ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ହୋଇପାରିଛି। ଏହିଭଳି ଦୃଶ୍ୟ ଗାଁରେ କୁମାରପୂର୍ଣ୍ଣିମା ଅବ୍ୟବହିତ ପୂର୍ବରୁ ଦେଖିବାକୁ ମିଳିଥାଏ। ରାତ୍ରି ସମୟରେ କୋଠିର କାରୁକାର୍ଯ୍ୟ ଓ ରଙ୍ଗବେରଙ୍ଗର ଦୃଶ୍ୟ ଅଧିକ ମନୋରମ ହୋଇଥାଏ। କୁମାରୀମାନେ କୋଠି ପ୍ରସ୍ତୁତ କରିବା ସହ ମଣ୍ଡଳ ପ୍ରସ୍ତୁତକରି ଚାନ୍ଦ ପୂଜା କରିଥାଆନ୍ତି। ବିଭିନ୍ନ ସାହିରେ ପ୍ରସ୍ତୁତ ହୋଇଥିବା କଇଁଫୁଲ କୋଠିରେ ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିଥିବା କୋଠିଗୁଡ଼ିକ ମଧ୍ୟରୁ ନାଗବନ୍ଧନ, ଗୌତମ ବୁଦ୍ଧ, ତାଜମହଲ, ଗଜଲକ୍ଷ୍ମୀ, ମହାଭାରତ ଶ୍ରୀକୃଷ୍ଣଙ୍କ ରଥରେ ଯୋଦ୍ଧା ଧନୁର୍ଦ୍ଧାରୀ ଅର୍ଜୁନଙ୍କ ଚିତ୍ର, ରାମାୟଣ କଥା ଉପରେ ବର୍ଣ୍ଣିତ ବିଭିନ୍ନ କୋଠି ବିଶେଷ ଆକର୍ଷଣୀୟ ହୋଇପାରିଥିଲା। ଉକ୍ତ କୋଠିଗୁଡ଼ିକ ପ୍ରସ୍ତୁତ କରିବାରେ ଗାଁର ମହିଳାମାନଙ୍କ ବିଶେଷ ଭୂମିକା ରହିଆସୁଛି। ବିଶେଷକରି ଲଳନାମାନଙ୍କ ଯାଦୁକରୀ ହାତର କଳାନୈପୁଣ୍ୟତାରେ ପ୍ରସ୍ତୁତ କୋଠି ପାଇଁ ସଦାନପୁର ଗାଁ ବିଭିନ୍ନ ସ୍ଥାନରେ ପରିଚିତ। ଏଥିପାଇଁ ଗାଁ ଲୋକେ ଗର୍ବିତମନେ କରୁଛନ୍ତି। ଏହି ପରମ୍ପରାକୁ ଆଗେଇ ନେବା ସହ ଆଗକୁ ଆହୁରି ଅଧିକ ଆକର୍ଷଣୀୟ କୋଠି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି। ସନ୍ଧ୍ୟା ସମୟରେ କୁମାରୀମାନେ ଚାନ୍ଦପୂଜା କରିବା ସହ ମନପସନ୍ଦର ବରପ୍ରାପ୍ତି ହେବାକୁ ପ୍ରଭୁ କାର୍ତ୍ତିକେୟଙ୍କୁ ପୂଜା କରିଥାଆନ୍ତି। ପ୍ରଥା ଅନୁଯାୟୀ ପାଳଭୂତ ପରମ୍ପରାକୁ ପାଳନ କରାଯାଇଥାଏ। ଗାଁର ଯୁବକମାନେ ପାଳଭୂତ ବେଶରେ ଆସି କୁମାରୀମାନଙ୍କୁ ଡରାନ୍ତି। ଏହି ଭୟରେ ସନ୍ଧ୍ୟାରେ କୁମାରୀମାନେ ପୂଜା ସାରି, କୁଆଁର ପୁନେଇ ଗୀତ ବୋଲି ଘର ଭିତରେ ଲୁଚି ରହିଥାଆନ୍ତି। ଏହି ନିଆରା ପରମ୍ପରା ସମ୍ପର୍କରେ ଜାଣିବା ଓ କୋଠିର ଆନନ୍ଦ ନେବାକୁ ବହୁ ଦର୍ଶକ ବିଭିନ୍ନ ସ୍ଥାନରୁ ଛୁଟି ଆସିଥାନ୍ତି। ଏହାଛଡ଼ା ଗାଁରେ ବିଭିନ୍ନ ସାଂସ୍କୃତି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥାଏ। ମନୋରମ କାର୍ଯ୍ୟକ୍ରମକୁ ନେଇ ଗାଁରେ ପ୍ରତିଯୋଗିତା ହୋଇଥାଏ। ତେଣୁ ଏଭଳି ପ୍ରୟାସ ପାଇଁ ସରକାରୀସ୍ତରରେ ଗାଁକୁ କୋଠି ଗାଁ ମାନ୍ୟତା ପ୍ରଦାନ କରିବାକୁ ଦାବି ହୋଇଛି।



## ଯୁବ କଂଗ୍ରେସ ଲିଗାଲ ସେଲ୍ ଉପାଧ୍ୟକ୍ଷ ହେଲେ ରାକେଶ

**ପାଣିକୋଇଲି,୨୯।୧୦(ବିକାଶ ମଲ୍ଲିକ):**

ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ନ୍ୟାୟ ବିଭାଗ (ଲିଗାଲ ସେଲ) ଉପାଧ୍ୟକ୍ଷ ଭାବେ ରାକେଶ କୁମାର ସାହୁ ନିଯୁକ୍ତ ହୋଇଛନ୍ତି। ଏନେଇ ରାଷ୍ଟ୍ରୀୟ ଯୁବ କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଛି। ଏହାପରେ ରାକେଶ ରାଷ୍ଟ୍ରୀୟ ଯୁବ କଂଗ୍ରେସ ନ୍ୟାୟ ବିଭାଗ ଅଧ୍ୟକ୍ଷ ରୂପେଶ ଏସ୍. ଭରଦ୍ୱାଜ, ବିଶ୍ୱରଞ୍ଜନ ମହାନ୍ତି, ଡ. ସ୍ମୃତିରଞ୍ଜନ ଲେଙ୍କା ଓ ପ୍ରଭାରୀ ମିଲନ



ଗୌତମଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାକେଶ ପୂର୍ବରୁ ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଥିଲେ। ଯାଜପୁର ଜିଲା କୋରେଇ ବ୍ଲକ୍ ଅଧୀନ ପାଣିକୋଇଲି ଗ୍ରାମର ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁଙ୍କ ପୁତ୍ର ରାକେଶ ଏହି ପଦବୀ ପାଇବା ପରେ ତାଙ୍କୁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଦୁର୍ଘଟଣାରେ ଗୁରୁତର ପୂର୍ବତନ ୱାର୍ଡସଭ୍ୟାଙ୍କ ମୃତ୍ୟୁ

**ପାଣିକୋଇଲି,୨୯।୧୦(ବିକାଶ ମଲ୍ଲିକ):**

କୋରେଇ ଥାନା ଅନ୍ତର୍ଗତ ଆଲିଆ ଛକ ନିକଟରେ ଗତ ମଙ୍ଗଳବାର ରାତିରେ ସ୍କୁଟିରୁ ପଡ଼ି ଗୁରୁତର ହୋଇଥିବା ପାଣିକୋଇଲି ପଞ୍ଚାୟତର ପୂର୍ବତନ ୱାର୍ଡସଭ୍ୟା କବିତା ମହାନ୍ତି(୪୬)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ମୃତ୍ୟୁ ହୋଇଛି। କବିତା ସ୍ୱାମୀ ରମାକାନ୍ତଙ୍କ ସହିତ ଯାଜପୁର ରୋଡ୍‌ରୁ ସ୍କୁଟି ନମ୍ବର(ଓଡି-୩୪ ଆର୍-୫୩୯୩) ଯୋଗେ ଘରକୁ ଫେରୁଥିବାବେଳେ ଏକ ଅଜଣା ଗାଡ଼ି ସ୍କୁଟିକୁ ସାଇଡ୍ ମାରିଥିଲା। ଫଳରେ କବିତା ସ୍କୁଟିରୁ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଯାଜପୁର ରୋଡ୍ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପଛପାଖ ମୁଣ୍ଡ ମାଡ଼ ହୋଇଯାଇଥିବାରୁ ସେ କୋମାକୁ ଚାଲିଯାଇଥିଲେ। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କବିତା ଜଣେ



ମେଳାପୀ ଓ ପରୋପକାରୀ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ପୂର୍ବତନ ସମିତିସଭ୍ୟ ଜହର ଅଲ୍ଲି, କେଶବ ରାଓ ଭୁକ୍ତା, ପୂଜକ ସୂର୍ଯ୍ୟମଣି ପଣ୍ଡା, ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ, ବନୋଜ ଜେନା ଓ ନିମାଇଁ ମଲ୍ଲିକଙ୍କ ସମେତ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀଙ୍କ ସ୍ମୃତିଚାରଣ ସଭା


ଅତିଥି ପ୍ରେମଲତା ଜେନାଙ୍କ ଉପରେ ପ୍ରକାଶିତ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

**ଧର୍ମଶାଳା,୨୯।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ କୋଟପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସନାତନ ଜେନାଙ୍କ ସ୍ତ୍ରୀ ପ୍ରେମଲତା ଜେନାଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଅଭିମନ୍ୟୁ ଧଳଙ୍କ ସଭାପତିତ୍ୱରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର, କବି ଡ. ରାଜକିଶୋର ପାଢ଼ୀ, ଡ. ମହେଶ୍ୱର ଜେନାସାମନ୍ତ, ଉମାକାନ୍ତ ବଳ, ଇଂ. ନରେନ୍ ଜେନା, ନିରଞ୍ଜନ ରାଉତ, ଯୁବନେତା ଅଧୀର ଜେନା, ସଞ୍ଜୟ ରାୟ ଓ ଖବରଦାତା ଅଖିଳ ସ୍ୱାଇଁ ଯୋଗଦେଇ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ପରେ ଅତିଥିମାନେ ଜେନାଙ୍କ ଉପରେ ପ୍ରକାଶିତ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। କବିତାରାଣୀ ଜେନା, ପ୍ରବୀର ଜେନା, ପତିତ ଜେନା, ଇଂ. ସଚ୍ଚିଦାନନ୍ଦ ଜେନା, ସବିତା ଜେନା, ଭାରତୀ ଜେନା, ରଶ୍ମିରେଖା ଜେନା, ସଞ୍ଜୀତ୍ ଜେନା, ସୌରାଜ୍ୟ ଜେନା, ସୀମାଞ୍ଚଳ ଜେନା ଓ ବିବେକାନନ୍ଦ ଜେନାଙ୍କ ସମେତ ବହୁ ଆତ୍ମୀୟସ୍ୱଜନ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ବଡ଼ପୁଅ ସନ୍ତୋଷ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ପେଟ ପାଇଁ ଜରି, ପ୍ଲାଷ୍ଟିକ୍ ବୋତଲ ଗୋଟାଉଛନ୍ତି ଶିଶୁ

**ଯାଜପୁରରୋଡ୍,୨୯।୧୦(ପବିତ୍ର ରଞ୍ଜନ ମହାନ୍ତି)**

ରାଜ୍ୟ ଓ କେନ୍ଦ୍ର ସରକାର ଅବହେଳିତ ଶିଶୁଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ସେ ସବୁ ଯୋଜନା କେତେକ ସ୍ଥାନରେ କେବଳ କାଗଜକଲମରେ ସୀମିତ ରହୁଥିବା ଅଭିଯୋଗ ହେଉଛି। ଯାହାର ନିଚ୍ଛକ ଦୃଶ୍ୟ ଦେଖିବାକୁ ମିଳିଛି କଳିଙ୍ଗନଗର ଶିଳ୍ପ ସାମ୍ରାଜ୍ୟର ମୁଖଶାଳା ବ୍ୟାସନଗର ପୌର ପରିଷଦ ଅଞ୍ଚଳରେ। ସହରସ୍ଥ ବସ୍ତି ଅଞ୍ଚଳର କୋମଳମତି ପିଲାମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷାଠାରୁ ବହୁ ଦୂରରେ। ନିକଟରେ ସହରର ସାଇ ମନ୍ଦିର ରେଳ ଲେଭଲ କ୍ରସିଂ ନିକଟରେ ୩ ଜଣ ୫ରୁ ୭ ବର୍ଷର ଶିଶୁ ରାସ୍ତାକଡ଼ରେ ବସିଥିବା ଦୃଶ୍ୟ ସାମ୍ନାକୁ ଆସିଥିଲା। ସେମାନଙ୍କ ନିକଟରେ ଏକ ବଡ଼ ଜରି ବସ୍ତା ରହିଥିଲା। ବସ୍ତାରେ ଏଣେତେଣେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ ଓ ଜରି ପଶିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଡ୍ରେନରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ ପାଇଁ ଡ୍ରେନରେ ପଶୁଥିବା ଦେଖିବାକୁ ମିଳିଥିଲା। ଅନ୍ୟ ୨ଜଣ ଉପରେ ବସି ଡ୍ରେନରୁ ସଂଗୃହୀତ ବୋତଲକୁ ଜରି ମୁଣିରେ ଭର୍ତ୍ତି କରୁଥିଲେ। ସେମାନଙ୍କ ନିକଟକୁ ଯାଇ ପଚାରିବାରୁ ସେମାନେ ବ୍ୟାସସରୋବର ନିକଟ ଗାନ୍ଧୀ ବସ୍ତିରେ ରହୁଥିବା କହିଥିଲେ। ପ୍ରତ୍ୟେକ ଦିନ ସକାଳୁ ଉଠି ଜରି, ପ୍ଲାଷ୍ଟିକ ବୋତଲ ଗୋଟାଇବା ସେମାନଙ୍କର କାମ ଓ ତାକୁ ବିକି ଯାହା ପଇସା ମିଳେ ସେମାନେ ତାଙ୍କ ବାପାମା’ଙ୍କୁ ଘର ଚଳାଇବାକୁ ଦେଉଥିବା ପ୍ରକାଶ କରିଥିଲେ। ସେଥିପାଇଁ ବହୁ ସମୟରେ ଲୋକଙ୍କଠାରୁ ମାଡ଼ ମଧ ସେମାନଙ୍କୁ ଖାଇବାକୁ ପଡ଼ିଥାଏ। ସକାଳୁ କ’ଣ


ଶିଶୁମାନେ ଜରି ଗୋଟାଉଛନ୍ତି।

ଖାଇଛ ପଚାରିବାରୁ କିଛି ଖାଇନାହାନ୍ତି। ସାମଗ୍ରୀ ବିକିଲେ ଯେଉଁ ପଇସା ମିଳିବ ସେଥିରୁ କିଛି କିଣି ଖାଇବେ ବୋଲି କହିଥିଲେ। ଫୁଙ୍ଗୁଳା ଦେହରେ ଚିରା ପ୍ୟାଣ୍ଟ ପିନ୍ଧିଥିଲେ। ମୁହଁରେ ସେମାନଙ୍କର ବହୁ ପ୍ରଶ୍ନବାଚୀ ଉଙ୍କି ମାରୁଥିବା ପ୍ରତୀୟମାନ ହେଉଥିଲା। ସେମାନେ କେବେ ଅଙ୍ଗନୱାଡି କିମ୍ବା ସ୍କୁଲ ଯାଉ ନ ଥିବା ପ୍ରକାଶ କରିଥିଲେ। ସେହିପରି ବହୁ ଛୋଟଛୋଟ ପିଲା ବିଭିନ୍ନ ହୋଟେଲ, ଜଳଖିଆ ଓ ଚା’ ଦୋକାନରେ ଅଇଁଠା ଗ୍ଲାସ, ପ୍ଲେଟ ଧୋଉଥିବା ଦେଖିବାକୁ ମିଳୁଛି। ବହୁ ଶିଶୁ ସେମାନଙ୍କ ଶୈଶବର ଖେଳକୁଦ ସମୟରେ ନିଜ ପରିବାର ବୋଝ ମୁଣ୍ଡାଉଛନ୍ତି। ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇ ଯାଉଥିବା ଅନୁଭୂତ ହେଉଛି। ଏଥିପ୍ରତି ଜିଲା ଶିଶୁ ସୁରକ୍ଷା ବିଭାଗ ଓ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିବା ସହ ସେମାନଙ୍କ ସୁରକ୍ଷା ପ୍ରତି ପଦକ୍ଷେପ ନେବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଛି।


କେନ୍ଦ୍ରାପଡ଼ା: ବଣିଆମାଳ ବରାହ ଲକ୍ଷ୍ମୀ


ବଣିଆମାଳ


ପୁରୁଣା ବସ୍‌ଷ୍ଟାଣ୍ଡ


ଦଣ୍ଡମୁଣ୍ଡା ଛକ


କଲେଜ ଛକ


ତିନିମୁହାଣି

ମା' ଗଜଲକ୍ଷ୍ମୀ ପୂଜା


ଦୁହୁରିଆ


ଗରାପୁର


ମହିପାଳ


ମ୍ୟୁନିସିପାଲିଟି କାର୍ଯ୍ୟାଳୟ


ଡେରାବିଶ: ଛତାବଟ ମହାପୁରୁଷ


ଛତା ଛକ

# ୨ଶହ ରୋଗୀଙ୍କ ଚକ୍ଷୁ ପରୀକ୍ଷା

ରାଜକନିକା, ୨୯।୧୦
(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ନହୁଣୀ-ପେଗରପଡା ପଞ୍ଚାୟତର ଅଧିବାସୀଙ୍କ ଉଦ୍ୟମରେ ଗଢି ଉଠିଥିବା ଅନନ୍ୟ ଅନୁଷ୍ଠାନ ଗାୟତ୍ରୀ କ୍ରୀଡା ଓ ସାଂସ୍କୃତିକ ପରିଷଦ ଆୟୋଜନ ତଥା କୋଲକାତାର 'ଦି ୟୁଇ' ଫାଉଣ୍ଡେଶନ ମିଳିତ ସହାୟତାରେ ଏକ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜକନିକା ଆଇଆଇସି ଦୀଲିପ କୁମାର ଧଳ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ଭୁବନେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ୨ଶହ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୦ଜଣ ରୋଗୀଙ୍କ ମୋତିଆବିନ୍ଦୁ ଅପରେଶନ ପାଇଁ ଭୁବନେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟକୁ ନିଆଯାଇ ସଫଳତାର ସହ ମୋତିଆବିନ୍ଦୁ ଅପରେଶନ କରାଯାଇଛି। ୮୦ ଜଣ ରୋଗୀଙ୍କୁ କୋଲକାତାର 'ଦି ୟୁଇ' ଫାଉଣ୍ଡେଶନ ପକ୍ଷରୁ ପାୱାର ଚଷମା ଯୋଗାଇ ଦିଆଯିବାକୁ ଏହାର ପ୍ରତିଷ୍ଠାତା ଅଞ୍ଜନ କୁମାର ବେହେରାଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡିଛି। ଶିବିରର ସଫଳତା ପାଇଁ ଉପଦେଷ୍ଟା ଶ୍ରୀନିବାସ ପ୍ରଧାନ, ସଭାପତି ଦୀଲିପ କୁମାର ବାରକ୍, ସମ୍ପାଦକ ରବୀନ୍ଦ୍ର ପଣ୍ଡା, ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ପ୍ରକାଶ ବାରିକ, ରବୀନ୍ଦ୍ର ବେହେରା, ନିରଞ୍ଜନ ପଣ୍ଡା, ନିମାଇଁ ଚରଣ ଦାସ ପ୍ରମୁଖଙ୍କ ସମେତ ପରିଷଦର ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

# ଡେରାବିଶରେ ମା' ଗଜଲକ୍ଷ୍ମୀ ପୂଜା

# ଓଲଢ଼ି ପୂଜା ମଣ୍ଡପରେ ଚାନ୍ଦି ଆଭୂଷଣ

ଡେରାବିଶ, ୨୯।୧୦(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳରେ ଶନିବାର କୁମାର ପୂର୍ଣ୍ଣିମା ଅବସରରେ ଆରମ୍ଭ ହୋଇଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ରବିବାର ଦ୍ୱିତୀୟ ସନ୍ଧ୍ୟାରେ ପହଞ୍ଚିଛି। ବ୍ଲକ ଅଞ୍ଚଳର ବିଭିନ୍ନ ପୁରପଲ୍ଲୀରେ ୭୦ରୁ ଊର୍ଦ୍ଧ୍ୱ ପୂଜାମଣ୍ଡପରେ ମା'ଙ୍କ ପୂଜା ପାଇଁ ଉତ୍ସବମୁଖର ହୋଇଥିବା ବେଳେ ଦ୍ୱିତୀୟ ସନ୍ଧ୍ୟାରେ ସମସ୍ତ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭଜନ, କୀର୍ତ୍ତନ ପରିସରକୁ ଭକ୍ତିମୟ କରିଛି। ବ୍ଲକ ଅଧୀନ ଓଲଢ଼ିଠାରେ ପୂଜା ପାଉଥିବା ମା'ଙ୍କ ଭୂଷଣ ଚାନ୍ଦିରେ ସଜେଇ ହୋଇଥିବାବେଳେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ସେହିପରି ଛତାବଟ ମହାପୁରୁଷଙ୍କ ପୀଠରେ ପୂଜା ପାଉଥିବା ମା'ଙ୍କ ମଣ୍ଡପ ନିକଟରେ ସୁଉଚ୍ଚ ବୈଦ୍ୟୁତିକ ଆଲୋକମାଳାର ତୋରଣ ଶ୍ରଦ୍ଧାଳୁଙ୍କ ମନମୋହିଛି। ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥର ପାର୍ଶ୍ୱରେ ଏହି ଦୁଇଟି ପୂଜା ମଣ୍ଡପ ବହୁ ପ୍ରାଚୀନ ହୋଇଥିବାରୁ ଏଠାରେ ପୂଜାବିଧିର ଏକ ସ୍ୱତନ୍ତ୍ରତା ରହିଛି। ୯ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ଆସନ୍ତା ୫ ତାରିଖରେ ଶେଷ ହେବ ବୋଲି ଓଲଢ଼ି ପୂଜା କମିଟିର ସଭାପତି ଗୌରାଙ୍ଗ ଚରଣ ସ୍ୱାଇଁ, ସମ୍ପାଦକ ପ୍ରଭାତ କୁମାର ପ୍ରଧାନ ଓ ଛତାବଟ ପୂଜା କମିଟି ସଭାପତି ରମେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ତେବେ ଏହି ୨ଟି ପୂଜା ମଣ୍ଡପ ବହୁ ପ୍ରାଚୀନ ହୋଇଥିବାରୁ କେନ୍ଦ୍ରାପଡ଼ା ଜିଲା ସମେତ ଯାଜପୁର ଓ କଟକ ଜିଲାରୁ ମା'ଙ୍କ ଭସାଣି ଦେଖିବାକୁ ପ୍ରବଳ ଜନଗହଳି ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଆବଶ୍ୟକ ପୋଲିସ ବ୍ୟବସ୍ଥା କରାଯାଇଛି ବୋଲି କମିଟି କର୍ମକର୍ତ୍ତା ଗଣେଶ୍ୱର ବେହେରା କହିଛନ୍ତି। ତେବେ ଓଲଢ଼ି ପୂଜା କମିଟି ପକ୍ଷରୁ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି ବୋଲି ଗଣେଶ୍ୱର ସୂଚନା ଦେଇଛନ୍ତି। ତେବେ ଛତାଠାରେ ଆହୁରି ୨ଟି ମଣ୍ଡପରେ ମା'ଙ୍କ ପୂଜା ପାଇଁ ସନ୍ଧ୍ୟାରେ ଭଜନ ଆସର ରବିବାର ଅନୁଷ୍ଠିତ ହୋଇଛି।


ଓଲଢ଼ି ପୂଜା ମଣ୍ଡପ

# ପଟ୍ଟାମୁଣ୍ଡାଇ ବୋହୂଙ୍କୁ ମିଳିଲା ନର୍ମାନ ଇ ବୋର୍ଲାଗ ପୁରସ୍କାର

ପଟ୍ଟାମୁଣ୍ଡାଇ,୨୯।୧୦
(ଅକ୍ଷୟ ବିଶ୍ୱାଳ)

ଓଡ଼ିଶାର ଯୁବ ବୈଜ୍ଞାନିକ ତଥା ପଟ୍ଟାମୁଣ୍ଡାଇର ବୋହୂ ଡ. ସ୍ୱାତୀ ନାୟକଙ୍କୁ ମିଳିଛି ସମ୍ମାନଜନକ ନର୍ମାନ ଇ ବୋର୍ଲାଗ ପୁରସ୍କାର। ଡ. ସ୍ୱାତୀ ପଟ୍ଟମୁଣ୍ଡାଇ ବ୍ଲକ ନସିପୁର ପଞ୍ଚାୟତ ଅନ୍ତର୍ଗତ ବଡମୂଳବସନ୍ତ ଗ୍ରାମର ପ୍ରିୟଦର୍ଶୀ ବଳଙ୍କ ସ୍ତ୍ରୀ ତଥା ସାମାଜିକ କର୍ମୀ ହୃଷୀକେଶ ବଳ ଓ ଜ୍ୟୋସ୍ନାମୟୀଙ୍କ ପୁତ୍ରବଧୂ। ସେ ଭୁବନେଶ୍ୱର ବାସିନ୍ଦା ଲକ୍ଷ୍ମୀଧର ନାୟକ ଓ ବିଜୟାଲକ୍ଷ୍ମୀଙ୍କ କନ୍ୟା। ଡ.ସ୍ୱାତୀ ଫିଲିପାଇନ୍ସ ସ୍ଥିତ ସିଜିଆରଆଇ ଆନ୍ତର୍ଜାତିକ ଧାନ ଗବେଷଣା ସଂସ୍ଥାନରେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ଆମେରିକାର ଲୋୱା ସହରରେ ବିଶ୍ୱ ଖାଦ୍ୟ ପୁରସ୍କାର ସଂସ୍ଥାନ ପକ୍ଷରୁ ୨୦୨୩ ପାଇଁ ନର୍ମାନ ଇ ବୋର୍ଲାଗ ପୁରସ୍କାର ମିଳିଛି। ଏହି ସମ୍ମାନ ପାଇବାରେ ସେ ପ୍ରଥମ ଓଡ଼ିଆ ମହିଳା ହୋଇଥିବା ବେଳେ ଦ୍ୱିତୀୟ ଭାରତୀୟ ଭାବେ ଏହି ଗୌରବ ହାସଲ କରିଛନ୍ତି। ତାଙ୍କୁ ପୁରସ୍କାର ବାବଦକୁ ଆମେରିକୀୟ ଅର୍ଥରାଶି ସହିତ ମାନପତ୍ର ପ୍ରଦାନ କରାଯାଇଛି। କୃଷି କ୍ଷେତ୍ରର ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପାଇଥିବା ଜଣାପଡିଛି। ଏହି ଅବସରରେ ଡ. ନାୟକ ନର୍ମାନ ଇ ବୋର୍ଲାଗ ଇଣ୍ଟରନ୍ୟାଶନାଲ ଡାଇଲଗ ସମ୍ପର୍କିତ ଆଲୋଚନାଚକ୍ରରେ ମଧ୍ୟ ଭାଗ ନେଇଥିଲେ। ସେ କୃଷିକ୍ଷେତ୍ରରେ ବ୍ୟବହୃତ ତଥା ଗ୍ରାମ୍ୟସ୍ତରରେ କରାଯାଇଥିବା ଅଭିନବ ପଦ୍ଧତିଗୁଡିକର ଆବିଷ୍କାର ଏବଂ ଜାତୀୟ ସ୍ତରରେ ପ୍ରୋତ୍ସାହିତ କରିବାକୁ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଛନ୍ତି। ସେ ବିହନ ଦିଦି ଭାବେ ଦେଶ ବିଦେଶରେ ବେଶ୍ ପରିଚିତ। ସହଭାଗୀ ଧାନଠାରୁ ଆରମ୍ଭ କରି ୫୦୦ରୁ ଅଧିକ ଧାନ ବିହନ ଉପରେ ଗବେଷଣା କରିବା ସହ ୨୦ରୁ ଅଧିକ ଅମଳକ୍ଷମ ବିହନ ଉତ୍ପାଦନ କରିଛନ୍ତି। ୧୦ହଜାରରୁ ଅଧିକ ପରୀକ୍ଷଣରେ ତାଙ୍କର ସମ୍ପୃକ୍ତି ରହିଆସିଛି। ଡ. ସ୍ୱାତୀ ଦେଶ, ଓଡ଼ିଶା ଓ ବିଶେଷକରି ପଟ୍ଟାମୁଣ୍ଡାଇ ଅଞ୍ଚଳ ପାଇଁ ଏହି ଗୌରବ ଆଣି ଥିବାରୁ ସମଗ୍ର ଅଞ୍ଚଳରେ ଆନନ୍ଦର ଲହରି ଖେଳିଯିବା ସହ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।


ଡ. ସ୍ୱାତୀ ନାୟକ

# ୭ ଭିନ୍ନକ୍ଷମଙ୍କୁ ମେଧାବୃତ୍ତି ପ୍ରଦାନ

କେନ୍ଦ୍ରାପଡ଼ା, ୨୯।୧୦ (ଜଗନ୍ନାଥ ଧଳ)

ସହରର ମାଧପୁରସ୍ଥ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ୭ ଭିନ୍ନକ୍ଷମ ପ୍ରତିଭାଙ୍କୁ ମେଧାବୃତ୍ତି ରବିବାର ପ୍ରଦାନ କରାଯାଇଛି। ମାଧପୁରସ୍ଥିତ କଲ୍ୟାଣମଣ୍ଡପରେ ଆୟୋଜିତ ସଭାରେ ଅନୁଷ୍ଠାନ ପ୍ରତିଷ୍ଠାତା ଡ. ବିରଜା ରାଉତରାୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏଡିଏମ୍ ପୀତାମ୍ବର ସାମଲ, ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ଓପାକ ସଂସ୍ଥା ମୁଖ୍ୟ ଶୁଭଙ୍କର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଭିନ୍ନକ୍ଷମ ପ୍ରତିଭାଙ୍କ ବିକାଶ ପାଇଁ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ପୁର୍ନବାସ ପକ୍ଷରୁ ପ୍ରତିବର୍ଷ ଦିଆଯାଉଥିବା ମେଧା ବୃତ୍ତି ଭିନ୍ନକ୍ଷମଙ୍କୁ ପ୍ରୋତ୍ସାହିତ କରିବ ବୋଲି ମତ ରଖିଥିଲେ। ଏହି ଅବସରରେ ଭିନ୍ନକ୍ଷମ ଛାତ୍ର ରାଜକୁମାର ସାହୁ, ଗୌରୀଶଙ୍କର ବେହେରା, ପଲ୍ଲକପ୍ରିୟା ସ୍ୱାଇଁ, ସୁଭଦ୍ରା ଜେନା, ଅମିତ ଜେନା, ବରଜ କୁମାର ଦାସ ଓ ସ୍ନେହା ବେହେରାଙ୍କୁ ଅତିଥିମାନେ ଅନୁଷ୍ଠାନର ଚେକ୍ ପ୍ରଦାନ କରିଥିଲେ। ବଂଶୀଧର ମହାନ୍ତି, ଶ୍ରଦ୍ଧାନନ୍ଦ ଚୌଧୁରୀ, ମହମ୍ମଦ ଜାହିଦ, ସଞ୍ଜିବ ଜେନା, ମନୋଜ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପୁନର୍ବାସ ପକ୍ଷରୁ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥିମାନେ।

# ରଙ୍ଗୋଲିରେ ମହାବାତ୍ୟାର ସଚେତନତା ବାର୍ତ୍ତା

ମହାକାଳପଡ଼ା,୨୯।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

୧୯୯୯ ଅକ୍ଟୋବର ୨୯ର ମହାବାତ୍ୟା ୨୪ ବର୍ଷରେ ପାଦ ଥାପିଛି। ସେଦିନର କାଳରାତ୍ରି କଥା ଆଜି ମନେପଡିଲେ ଉପକୂଳ ଅଞ୍ଚଳର ଲୋକଙ୍କ ଆଖିରୁ ନିଦ ହଜିଯାଏ। ଏହି ପରିପ୍ରେକ୍ଷୀରେ ରବିବାର ପୂର୍ବାହ୍ନରେ ମହାକାଳପଡ଼ା ବ୍ଲକ କୋଟିଲା ଗ୍ରାମ ଶ୍ରୀ ଶ୍ରୀବାସୁଦେବଙ୍କ ପୀଠରେ ରଙ୍ଗୋଲି ଶିଳ୍ପୀ ଯଶବନ୍ତ ଦାସଙ୍କ ଚିତ୍ରରେ ମନେପଡ଼େ ମହାବାତ୍ୟା ଓ ସୁରକ୍ଷା କବଚ ଲୁଣା, ହେନ୍ତାଳ ଜଙ୍ଗଲର ନୂଆ ଥିମ୍‌ରେ ସଚେତନତା ସମାଜକୁ ନୂଆ ବାର୍ତ୍ତା ଦେଇଛନ୍ତି। ବିଶେଷକରି ସମୁଦ୍ର କୂଳିଆ ମହାକାଳପଡା ବ୍ଲକ ବାତ୍ୟାପ୍ରବଣ ଅଞ୍ଚଳ ହୋଇଥିବାରୁ ପ୍ରତିବର୍ଷ ବିପର୍ଯ୍ୟୟ ଯୋଗ କ୍ଷୟକ୍ଷତି ହୋଇଥାଏ। ବିପର୍ଯ୍ୟୟରୁ ରକ୍ଷା ପାଇବାକୁ ହେଲେ ସମୁଦ୍ର, ନଦୀ ନାଳ କୂଳରେ ବ୍ୟାପକ ପରିମାଣର ଲୁଣା ଓ ହେନ୍ତାଳ ଜଙ୍ଗଲ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଏହି ରଙ୍ଗୋଲି ଚିତ୍ରକୁ ଦେଖିବାକୁ ଅଞ୍ଚଳର ବହୁସଂଖ୍ୟାରେ ଲୋକ ଉପସ୍ଥିତ ରହି ସେ ଦିନର ମହାବାତ୍ୟାକୁ ମନେ ପକାଇ ଥିଲେ। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଯଶବନ୍ତ ପ୍ରଧାନ, ଅର୍ଜୁନ ସ୍ୱାଇଁ, ପରିବେଶବିତ୍ ସମରେନ୍ଦ୍ର ମାହାଳିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ରଙ୍ଗୋଲିରେ ଉପକୂଳ ସୁରକ୍ଷା କବଚ ଲୁଣା ଓ ହେନ୍ତାଳ ଜଙ୍ଗଲ।

# ରାଜନଗରରେ ବିପର୍ଯ୍ୟୟ ପ୍ରଶମନ ଦିବସ

ରାଜନଗର, ୨୯।୧୦
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ରବିବାର ପାଳିତ ହୋଇଯାଇଛି। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧର୍ମେନ୍ଦ୍ର କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସରପଞ୍ଚ ଅଶୋକ କୁମାର ମହାନ୍ତି, କୈଳାସ ଚନ୍ଦ୍ର ପରିଡା, ଦିଲୀପ କୁମାର ରାଉତ, ସସ୍ମିତା ମହାନ୍ତି, ରାଣୀ ମଞ୍ଜରୀ ସେଠୀ, ସମିତିସଭ୍ୟ ଅଭୟ ଖଣ୍ଡୁଆଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୧୯୯୯ ମହାବାତ୍ୟା ଉପକୂଳ ଅଞ୍ଚଳରେ ପ୍ରଳୟ ସୃଷ୍ଟି କରିଥିଲା। ଏହାର ପ୍ରଭାବରେ ଉପକୂଳ ଅଞ୍ଚଳବାସୀଙ୍କ ବହୁ ଧନ ଜୀବନ କ୍ଷତିଗ୍ରସ୍ତ ହୋଇଥିଲା। ୧୯୯୯ ମହାବାତ୍ୟାର ସ୍ମୃତିକୁ ସାଉଁଟିବା ସହ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ବାତ୍ୟାକୁ ମୁକାବିଲା କରିବା ପାଇଁ ନେଇଥିବା ବଳିଷ୍ଠ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଚନ୍ଦ୍ର ଶେଖର ହାଁସଦା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ।

# ମୁକାବିଲା ପାଇଁ ଜନସଚେତନତା ଆବଶ୍ୟକ

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ

କେନ୍ଦ୍ରାପଡ଼ା, ୨୯।୧୦ (ଜଗନ୍ନାଥ ଧଳ)

ଜନସଚେତନତା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟକୁ ସହଜରେ ମୁକାବିଲା କରିହେବ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର, ଜିଲା ପ୍ରଶାସନ ସର୍ବଦା ଚେଷ୍ଟା କରି ଆସିଛନ୍ତି ବୋଲି କେନ୍ଦ୍ରାପଡ଼ା ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସରେ ଅତିଥିମାନେ ପ୍ରକାଶ କରିଛନ୍ତି। ଜିଲା ପରିଷଦ ସଭାଗୃହରେ ରବିବାର ଅନୁଷ୍ଠିତ ସଭାରେ ଏଡିଏମ୍ ପୀତାମ୍ବର ସାମଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏଡିଏମ୍ ନିଲୁ ମହାପାତ୍ର, ପରିବେଶବିତ୍ ବିରଜା ପ୍ରସାଦ ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରକାଶ କରିଥିଲେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ବାତ୍ୟାପ୍ରବଣ ବୋଲି ଚିହ୍ନଟ କରାଯାଇଛି। ଏଥିପାଇଁ ଜିଲାର ୨୦ ସ୍ଥାନରେ ସାଇରନ ଆଲର୍ଟ କେନ୍ଦ୍ର ସ୍ଥାପନ ସହ ବହୁମୁଖୀ ବନ୍ୟା, ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହୋଇଛି। ୧୯୯୯ ମହାବାତ୍ୟା ପରଠାରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲାବାସୀଙ୍କ ସର୍ବନିମ୍ନ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଛି। ମକ୍‌ଡ୍ରିଲ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ରାଜ୍ୟରେ ଓସ୍‌ଡମା, ଓଡ୍ରାଫ୍, ରେଡ୍‌କ୍ରସ ଆଦିକୁ ମଜଭୁତ କରାଯାଇଛି। ଜିଲାର ଯୁବବର୍ଗ, ସ୍ୱେଚ୍ଛାସେବୀ ସଙ୍ଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଏହି ବିପର୍ଯ୍ୟୟ ସମୟରେ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ସତର୍କତାମୂଳକ କାର୍ଯ୍ୟ କଲେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିହେବ। ୧୯୯୯ ମହାବାତ୍ୟାର ବିନାଶ ଆମକୁ ବିପର୍ଯ୍ୟୟ ପରିଚାଳନାର ବିକାଶ ପାଇଁ ବାଧ୍ୟ କରିଛି। ବାତ୍ୟା, ବନ୍ୟା, ସୁନାମିପ୍ରବଣ ଅଞ୍ଚଳ ଚିହ୍ନଟ କରାଯାଇ ପରିବେଶ ସନ୍ତୁଳନ ରକ୍ଷା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ଏହି ଅବସରରେ ଜିଲା ଜରୁରିକାଳୀନ ଅଧିକାରୀ ଜୟନ୍ତ କୁମାର ରାଉତରାୟ ଜିଲାରେ ଘଟି ଯାଇଥିବା ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ମହାବାତ୍ୟାରେ ମୃତବ୍ୟକ୍ତିଙ୍କ ଅମର ଆତ୍ମାକୁ ସ୍ମରଣ କରି ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଜନ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିସହ ମହାବାତ୍ୟା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ ଚନ୍ଦ୍ର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।


ସଚେତନତା ରାଲିକୁ ଏଡିଏମ୍ ପୀତାମ୍ବର ସାମଲ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ୩ ଜୁଆଡ଼ି ଜେଲ ଗଲେ

ନୟାଗଡ଼,(ଲୋକନାଥ ମିଶ୍ର): ନୟାଗଡ଼ ସଦର ଥାନା ପୋଲିସ ୩ ଜୁଆଡ଼ିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଲାଉସେଣାର ରମେଶ ସାହୁ(୩୫), ଲାଠିପଡ଼ାର ରୋହିତ ପ୍ରଧାନ(୨୯ ) ଓ ଇଟାମାଟି ଥାନା କୃଷ୍ଣପ୍ରସାଦର ସୁଶାନ୍ତ ପ୍ରଧାନ(୩୧)ଙ୍କୁ ରବିବାର ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ରାଜପାଟଣା ବଜାର ପାଖରେ ଜୁଆଖେଳ ଚାଲିଥିଲା । ଖବର ପାଇ ପୋଲିସ ଶନିବାର ଚଢ଼ାଉ କରି ପଶା ପାଲି, ପଶା ଗୋଟି, ୨୮୦୦ ଟଙ୍କା ଜବତ କରିଥିଲା । ଅନ୍ୟପକ୍ଷେ ୩ ଜଣଙ୍କୁ ଗିରଫ କରିଥିଲା । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୧୭/୨୩) ରୁଜୁ ହୋଇଛି ।

**ସଂକ୍ଷେପରେ**

## ଶହୀଦ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧନା



ଖଣ୍ଡପଡ଼ା,୨୯।୧୦ (ଅଜୟ କୁମାର ମହାରଣା)

ଭାଜପା ପକ୍ଷରୁ ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ ଜରିଆରେ ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋରୁ ପବିତ୍ର ମାଟି ସଂଗ୍ରହ କରାଯାଇଥିଲା । ଏହି ଅବସରରେ ଶହୀଦ ହୋଇଥିବା ସ୍ୱର୍ଗତ ପ୍ରମୋଦ କୁମାର ମହାରଣାଙ୍କ ପରିବାର ବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବୀର ଶହୀଦ ପ୍ରମୋଦଙ୍କ ସାନ ଭାଇ ବିନୋଦ କୁମାର ମହାରଣାଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୂଚନାଯୋଗ୍ୟ, ପ୍ରମୋଦ ଶ୍ରୀନଗରରେ ଭାରତୀୟ ସେନାର ପିଆରଓ ବିଭାଗ ହାବିଲଦାର କ୍ଲର୍କ(ନଂ–୬୩୮୬୭୦୬) ଭାବେ କାର୍ଯ୍ୟରତ ଥିଲେ । ୧୯୯୯ ନଭେମ୍ବର ୩ରେ ସେ ସନ୍ତ୍ରାସବାସୀଙ୍କ ଗୁଳିମାଡରେ ଶହୀଦ ହୋଇଥିଲେ । ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ବିପର୍ଯ୍ୟୟ ମୁକାବିଲା ପାଇଁ ସଚେତନତା

ଖଣ୍ଡପଡ଼ା,୨୯।୧୦ (ଅଜୟ କୁମାର ମହାରଣା)

ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବ୍ୟାପକ କ୍ଷୟକ୍ଷତି ହେଉଛି । ବିପର୍ଯ୍ୟୟର ସଫଳ ମୁକାବିଲା କିପରି କରାଯିବ ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନତା କରିବା ନିମନ୍ତେ ପ୍ରଶାସନ ଓ ଶିକ୍ଷାନୁଷ୍ଠାନର ଛାତ୍ରୀ ଛାତ୍ରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀ ଓ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଏହି ଅବସରରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

ସେହିପରି ଖଣ୍ଡପଡ଼ା ଯୁବକ ସଂଘର ସଭାପତି ଜୟ ନାରାୟଣ ଦାସ, ସମ୍ପାଦକ ମହେନ୍ଦ୍ର କୁମାର ବାରିକଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ମା'ମାନେ ମଧ୍ୟ କିପରି ବିପର୍ଯ୍ୟୟକୁ ମୁକାବିଲା କରାଯାଇ ପାରିବ ସେ ସମ୍ପର୍କରେ ସହରବାସୀଙ୍କୁ ସଚେତନ କରିଥିଲେ । ଏହି ଅବସରରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଧଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପଠାରେ ଏକ ସଭା ଅନୁଷ୍ଠିତ ହୋଇ ବିପର୍ଯ୍ୟୟ ମୁକାବିଲା ଲାଗି ଲୋକମାନଙ୍କୁ ସଚେତନତା କରାଯାଇଥିଲା ।

# ବଢୁଛି ଶବ୍ଦ ପ୍ରଦୂଷଣ, ଲଗାମ ଢିଲା

ନୟାଗଡ଼, ୨୯।୧୦ (ଲୋକନାଥ ମିଶ୍ର)

**ନିଷିଦ୍ଧାଞ୍ଚଳ ଓ ସାଇଲେନ୍ସ ଜୋନ୍ ଚିହ୍ନଟକୁ ଅଣଦେଖା**

ଲଗାମ ନ ଥିବାରୁ ଶବ୍ଦ ପ୍ରଦୂଷଣ ନେଇ ରହିଥିବା କଟକଣା ନୟାଗଡ଼ ଜିଲା ସଦର ମହକୁମା ସମେତ ନୟାଗଡ଼ ପୋଲିସ ଜିଲାରେ ବାଟବଣା ହୋଇଛି । ଶବ୍ଦର କ୍ଷିପ୍ରତା ମାପିବା ପାଇଁ ଯେଉଁ ଯନ୍ତ୍ରର ଆବଶ୍ୟକ ତାହା ଜିଲା ସଦର ମହକୁମାରେ ନାହିଁ । ପୁଣି ସଚେତନତା ଅଭାବରୁ ଶବ୍ଦ ପ୍ରଦୂଷଣକୁ ରୋକିବା କାଠିକର ପାଠ ହୋଇଛି। ଅପରପକ୍ଷେ ଜିଲା ଗଠନର ୩୦ ବର୍ଷରୁ ଊର୍ଦ୍ଧ୍ୱ ବିତିଛି । ହେଲେ ନୟାଗଡ଼ ଜିଲା ସଦର ମହକୁମାରେ ସାଇଲେନ୍ସ ଜୋନ୍ ଓ ନିଷିଦ୍ଧାଞ୍ଚଳ ଚିହ୍ନଟ କରାଯାଇ ନାମଫଳକ ଲଗାଯାଇ ପାରିନି। ସାଇଲେନ୍ସ ଜୋନ୍ ଓ ନିଷିଦ୍ଧାଞ୍ଚଳ ସମ୍ପର୍କରେ ସଚେତନତା ମଧ୍ୟ ସୃଷ୍ଟି କରାଯାଉନି। ନିରାକରଣ ପାଇଁ ବି ପ୍ରଶାସନିକସ୍ତରରେ ପଦକ୍ଷେପ ନ ଥିବା ଅଭିଯୋଗ ହେଉଛି। ସେହିଭଳି ଶୋଭାଯାତ୍ରା ଓ ଡାକବାଜି ଯନ୍ତ୍ରର ବ୍ୟବହାର ନେଇ ପ୍ରଶାସନିକ ଅନୁମତି ମିଳିବା ପରେ ଶବ୍ଦ ପ୍ରଦୂଷଣକୁ କେହି ଗୁରୁତ୍ୱ ଦେଇ ନ ଥା'ନ୍ତି । ଏପରି କି ପ୍ରଶାସନିକ ସ୍ତରରେ ଠିକ୍‌ଭାବେ ମନିଟରିଂ ମଧ୍ୟ ହେଉ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଜିଲାପାଳଙ୍କ କାର୍ଯ୍ୟାଳୟର ରେକର୍ଡ ରୁମ୍ ଓ ଗୋପନୀୟ ବିଭାଗ, ଉପଜିଲାପାଳଙ୍କ କାର୍ଯ୍ୟାଳୟର ଟ୍ରେଜେରି ଓ ରେକର୍ଡ ରୁମ୍ ନିଷିଦ୍ଧାଞ୍ଚଳ ରୂପେ ପରିଚିତ । ହେଲେ ଅବାଧରେ ନିଷିଦ୍ଧାଞ୍ଚଳକୁ ଯେ କେହି ଯାତାୟାତ କରୁଥିବାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିଷିଦ୍ଧାଞ୍ଚଳ ସମ୍ମୁଖରେ ମଧ୍ୟ ଶବ୍ଦ ପ୍ରଦୂଷଣ ବଢ଼ିଚାଲିଛି, ଯାହାକି ଚିନ୍ତାର କାରଣ ପାଲଟିଛି । ଅନ୍ୟପକ୍ଷେ ଜିଲା ଓ ବ୍ଲକ ସଦର ମହକୁମା ସମେତ ନୟାଗଡ଼ ମ୍ୟୁନିସିପାଲଟିରେ ଯାନବାହନ ଚଳାଚଳ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଡାକବାଜି ଯନ୍ତ୍ରର ଅପବ୍ୟବହାର ଶବ୍ଦ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଛି । ଏଥିଯୋଗୁ ବିଭିନ୍ନ ରୋଗରେ ଆକ୍ରାନ୍ତମାନେ କଷ୍ଟ ଅନୁଭବ କରୁଛନ୍ତି । ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଛି, ଯାହା କି ପରିବେଶବିତ୍‌ଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଜିଲା ଗଠନ ପୂର୍ବରୁ ସାଇଲେନ୍ସ ଜୋନ୍‌ରେ ପ୍ରଦୂଷଣ ଆଇନର ଖୋଲାଖୋଲି ଉଲ୍ଲଂଘନ ହେଉଥିଲା। ଜିଲା ଗଠନ ପରେ ଏହା କମିବା ପରିବର୍ତ୍ତେ ବଢ଼ିଚାଲିଛି । ପୁଣି ଜିଲାପାଳ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ସମ୍ମୁଖ ରାସ୍ତାରେ ଅତ୍ୟଧିକ ବେଗରେ ଯାନବାହନ ଚଳାଚଳ, ପ୍ରେସର ହର୍ଣ୍ଣ, ଡାକବାଜି ଯନ୍ତ୍ରର ବ୍ୟବହାର ଚାଲିଛି।

ରାତି ୧୦ଟା ପରେ ଉଚ୍ଚ ଶବ୍ଦ ବ୍ୟବହାର ନେଇ ସର୍ବୋଚ୍ଚ ନ୍ୟାୟାଳୟ ବାରଣ କରିଛନ୍ତି । ହେଲେ ନୟାଗଡ଼ ସଦର ମହକୁମାରେ ଏପରି ନିୟମକୁ ଅଣଦେଖା କରାଯାଉଛି । ବିଳମ୍ବିତ ରାତିରେ ସହର ମଧ୍ୟରେ ନିଷିଦ୍ଧାଞ୍ଚଳ ସମେତ ସାଇଲେନ୍ସ ଜୋନ୍‌ରେ ବିଭିନ୍ନ ଶୋଭାଯାତ୍ରା ମାଧ୍ୟମରେ ଶବ୍ଦ ପ୍ରଦୂଷଣ ଘଟୁଥିବାରୁ ନାନା ଅଘଟଣ ଘଟୁଛି । ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପରିବେଶ ବିଭାଗ ପକ୍ଷରୁ ବିଭିନ୍ନ ଜୋନ୍ ଗଠନ କରାଯାଇଛି । ସେହିପରି ଆଇନ ଉଲ୍ଲଂଘନ ଏକ ଦଣ୍ଡନୀୟ ଅପରାଧ ହୋଇଥିବା ସମୟରେ ଏଥିପାଇଁ ଦୃଷ୍ଟି ଦେବାକୁ ପୋଲିସକୁ କ୍ଷମତା ପ୍ରଦାନ କରାଯାଇଛି । ସରକାରୀ ନିୟମ ଅନୁଯାୟୀ ନିଷିଦ୍ଧାଞ୍ଚଳ ଓ ସାଇଲେନ୍ସ ଜୋନ୍‌କୁ ବାଦ୍ ଦେଲେ ଅନ୍ୟ ସ୍ଥାନରେ ଦିନବେଳା ୫୦ ଓ ରାତି ୯ଟାରେ ୪୦ ଡେସିବିଲଠାରୁ ଅଧିକ ଶବ୍ଦ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି । ସେହିପରି ଶିଳ୍ପାଞ୍ଚଳ ଜୋନରେ ୭୫ ଡେସିବିଲ ଓ ରାତିରେ ୬୫ ଡେସିବିଲ, ବାସଗୃହ ଜୋନରେ ୫୫ ଓ ରାତିରେ ୪୫ ଡେସିବିଲଠାରୁ ଅଧିକ ଶବ୍ଦ ବ୍ୟବହାର କଲେ ଦଣ୍ଡବିଧାନ ରହିଛି। ମାତ୍ର ପ୍ରଶାସନର ଉଦାସୀନତା ଯୋଗୁ ଗାଡ଼ି ଚାଳକମାନେ ଦ୍ରୁତଗତି ସହିତ ବିଭିନ୍ନ ଅତ୍ୟାଧୁନିକ ପ୍ରେସର ହର୍ଣ୍ଣ ବ୍ୟବହାର କରୁଛନ୍ତି । ବିଳମ୍ବିତ ରାତି ଅର୍ଥାତ୍ ରାତି ୧୦ଟା ପରେ ବିଭିନ୍ନ ଶୋଭାଯାତ୍ରାକୁ ବାରଣ କରାଯାଇଥିବା ସ୍ଥଳେ ଅତ୍ୟଧିକ ଶବ୍ଦ ପ୍ରଦୂଷଣକାରୀ ଆତସବାଜି ବିସ୍ଫୋରଣ ସାଙ୍ଗକୁ ଡିଜେ ବ୍ୟବହାର କରାଯାଇ ଡାକବାଜି ଯନ୍ତ୍ର ବ୍ୟବହାର ହେଉଛି। ଶବ୍ଦ ପ୍ରଦୂଷଣ ହୃଦ୍‌ରୋଗ, ବଧିରତା, ଉଚ୍ଚ ରକ୍ତଚାପ, ସ୍ନାୟୁଗତ ସ୍ୱାସ୍ଥ୍ୟ ସମସ୍ୟା ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷେ ପ୍ରଶାସନର ଉଦାସୀନତା କାରଣରୁ ଆଇନ ଉଲ୍ଲଂଘନକାରୀମାନେ ଅଧିକ ଉତ୍ସାହିତ ହେଉଛନ୍ତି । ଏଥିନେଇ କେତେକ ସଚେତନ ନାଗରିକ ପୋଲିସକୁ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହେଉଛି।

## ମା'ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା



ମା'ମଙ୍ଗଳାଙ୍କୁ ପଚ୍ଚାମାଳ ରାମକୋଠିକୁ ଅଣାଯାଉଛି ।

ଦଶପଲ୍ଲା,୨୯।୧୦ (ପ୍ରକାଶ କୁମାର ପାଣି)

ଆଶ୍ୱିନ ମାସ ପ୍ରଥମ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ମା' ମଙ୍ଗଳାଙ୍କ ଷୋଳକୋଠି ପୂଜା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଅବସରରେ ମା'ଙ୍କ ଝାମୁଯାତ୍ରା ଖୁବ୍ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୁମାର ପୂର୍ଣ୍ଣିମା ଅବସରରେ ମା'ମଙ୍ଗଳାଙ୍କ ତୃତୀୟ ବାର୍ଷିକୀ ଝାମୁଯାତ୍ରା ଦଶପଲ୍ଲା ଏନଏସି ଅନ୍ତର୍ଗତ ପଚ୍ଚାମାଳ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ବ୍ଲକ ବିଜେଡି ସଭାପତି ସୁଦାମ ଚରଣ ନାୟକ, କାଉନସିଲର କମଳିନୀ ପ୍ରଧାନ, ଶୁକଦେବ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏକ ବିରାଟ ପଟୁଆରରେ ମା' ମଙ୍ଗଳାଙ୍କୁ ବାଜା, ବାଣ ସହିତ ମା'ଙ୍କ ବିଜେସ୍ଥଳୀ ପଚ୍ଚାମାଳ ରାମକୋଠିକୁ ଅଣାଯାଇଥିଲା। ସେଠାରେ ମା'ଙ୍କ ଷୋଳକୋଠି ପୂଜା, ହୋମଯଜ୍ଞ ଆଦି ବିଧି ସମାପନ ପରେ ମା'ଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ କାଳଶୀ ସଞ୍ଜୀବ କୁମାର ନାଏକ, ମାନସିକଧାରୀ ଭୋଳେଶ୍ୱର ନାଏକ ଓ ବିଦେଶ ନାୟକଙ୍କ ସମେତ ୧୦ଜଣରୁ ଊର୍ଦ୍ଧ୍ୱ ମାନସିକଧାରୀ ଅଗ୍ନିକୁଣ୍ଡରେ ଚାଲିଥିଲେ। ଏହି ଦୃଶ୍ୟ ଦେଖିବାକୁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା। ବିଧାୟକ ବେହେରା ମୂଳ ମନ୍ଦିର ଓ ଝାମୁଯାତ୍ରାର ଉନ୍ନତି ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଗ୍ରାମର ସଭାପତି ଯଦୁନାଥ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ମାଳିସାହି ଗ୍ରାମର ପାଟଦଣ୍ଡୁଆ ଗୋବିନ୍ଦ ସୁନ୍ଦରା, ସଞ୍ଜୟ ସାହୁ, କାହ୍ନୁ ବାରିକ, ଦାସ ସୁନ୍ଦରା ଏବଂ ଯାତ୍ରା କମିଟିର ଅଜିତ ନାଏକ, ନନ୍ଦ ନାଏକ, ଗୁନା ନାଏକ, ଧନେଶ୍ୱର ନାଏକ, ରଞ୍ଜନ ନାଏକ, ପ୍ରମୋଦ ନାଏକ, ଚଗଲା ନାଏକ, ଶଙ୍କର ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ନବଜ୍ୟୋତି ଲାୟନ୍ସ ବିଜୟୀ

**ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

ଖଣ୍ଡପଡ଼ା,୨୯।୧୦ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ସାଇକୃପା କେପିଏଲ କମିଟି ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅଷ୍ଟମ ଦିବସ ମ୍ୟାଚ୍‌ରେ ନବଜ୍ୟୋତି ଲାୟନ୍ସ ୫୦ ରନରେ ଫିପଟିନ ଫାଇଟର୍ସ ଦଳକୁ ହରାଇ ବିଜୟୀ ହୋଇଛି । ଟସ୍ ଜିଣି ପ୍ରଥମେ ନବଜ୍ୟୋତି ଲାୟନ୍ସ ଦଳ ୧୫ ଓଭରରେ ୯ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରିଥିଲା । ଜବାବରେ ଫିପଟିନ ଫାଇଟର୍ସ ଦଳ ୧୫ ଓଭରରେ ୯ ଉଇକେଟ ବିନିମୟରେ ମାତ୍ର ୮୯ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ବିଜୟୀ ଦଳର ସିଲୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଉକ୍ତ ଖେଳକୁ ରମେଶ ଚନ୍ଦ୍ର ନାୟକ, ଚନ୍ଦନ ଦଳେଇ ପରିଚାଳନା କରିଥିଲେ ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିଲୀପ



@ ଲକ୍ଷ୍ମୀଧର



@ ମୈତ୍ରୀ



@ ଶୁଭେନ୍ଦୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନୟାଗଡ଼ରେ ପୂର୍ବ ଛାତ୍ର ସମ୍ମିଳନୀ

ନୟାଗଡ଼,୨୯।୧୦(ଲୋକନାଥ ମିଶ୍ର)



ପୂର୍ବ ଛାତ୍ର ସମ୍ମିଳନୀରେ ଯୋଗଦେଇଥିବା ଅତିଥି ବୃନ୍ଦ ।

ନୟାଗଡ଼ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ 'ପୂର୍ବ ଛାତ୍ର ସମ୍ମିଳନୀ' ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିକାଶ ସମିତିର ଜିଲା ପ୍ରମୁଖ ତଥା ଅବସରପ୍ରାପ୍ତ ଡାକ ବିଭାଗ ଅଧିକାରୀ ହରେକୃଷ୍ଣ ମୁଦୁଲି ଦୀପ ପ୍ରଜ୍ୱଳନ କରି ଆଜିର ଯୁବସମାଜ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସେବକାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟବୋଲି କହିଥିଲେ। ସେହିପରି ସାମାଜିକ ଶୃଙ୍ଖଳା ନିମନ୍ତେ ସାମ୍ପ୍ରତିକ ଯୁବସମାଜ ସଚେତନ ହେବା ଓ ପରସ୍ପର ମଧ୍ୟରେ ସହଯୋଗୀ ହେବା ଆବଶ୍ୟକ ବୋଲି କହିଥିଲେ। ବିଦ୍ୟାଳୟର ଉପ ସଭାପତି ଶାନ୍ତନୁ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ ଯେ ଯିଏ ଯେଉଁ ସ୍ଥାନରେ ଥାନ୍ତୁ ନା କାହିଁକି ପରସ୍ପର ମଧ୍ୟରେ ଆଚରଣ ଶୁଦ୍ଧିତା ରହିବା ଆବଶ୍ୟକ । ବିଦ୍ୟାଳୟର ଟେକ ରଖି ନିଜର ଜାତୀୟ ଗୁଣକୁ ବଜାୟ ରଖିବା ଦରକାର । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ପ୍ରହଲ୍ଲାଦ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ଧର୍ମେନ୍ଦ୍ର ସାହୁ ପ୍ରଥମ, ବର୍ଷାଶ୍ରୀ ଲେଙ୍କା ଦ୍ୱିତୀୟ ଓ ବିଶ୍ୱଜିତ ସୁବୁଦ୍ଧି ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ଗଣିଆ,୨୯।୧୦(ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଗଣିଆ ବ୍ଲକ ପ୍ରଶାସନ ତରଫରୁ ବ୍ଲକ ସଭାଗୃହ ପରିସରରେ ରବିବାର ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି । ସରକାରଙ୍କ ତରଫରୁ ଚଳିତ ବର୍ଷର ଥିମ୍ ସଶକ୍ତ ଗୋଷ୍ଠୀ, ସୁରକ୍ଷିତ ଓଡ଼ିଶା ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଏବିଡିଓ ରତନଲାଲ ଲୋହରା ପତାକା ଦେଖାଇ ସଚେତନତା ଶୋଭଯାତ୍ରକୁ ଉଦଘାଟନ କରିଥିଲେ । ପରେ ସଭାଗୃହ ପରିସରରେ ଆୟୋଜିତ ବୈଠକରେ ଏବିଡିଓଙ୍କ ଅଧ୍ୟକ୍ଷତାରେ ଜିପିଇଓ ଗୋବିନ୍ଦ ମହାପାତ୍ର, ବିପିଏମ୍ କାଦମ୍ବିନୀ ନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ବନ୍ୟା, ବାତ୍ୟା. ଭୂମିକମ୍ପ ପରି ବିଭିନ୍ନ ବିପର୍ଯ୍ୟୟକୁ କିଭଳି ମୁକାବିଲା କରିହେବ ସେ ନେଇ ପ୍ରତି ଗ୍ରାମବାସୀଙ୍କୁ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦେଇଥିଲେ । ଓଡ଼ିଶା ସରକାର ୧୯୯୯ ମହାବାତ୍ୟା ପରଠାରୁ ଅକ୍ଟୋବର ୨୯କୁ ବିପର୍ଯ୍ୟୟ ପ୍ରଶମନ ଦିବସ ଭାବେ ପାଳନ କରିଆସୁଛନ୍ତି । ପ୍ରତ୍ୟେକ ଗ୍ରାମରେ ୧୦ ଜଣଙ୍କୁ ରେଡ଼କ୍ରସ ତରଫରୁ ତାଲିମ ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ପଶୁ ସମ୍ପଦ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଙ୍ଗଠନର ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

## ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାପା ଉତ୍ତେଜନା

ନୟାଗଡ଼,୨୯।୧୦(ଲୋକନାଥ ମିଶ୍ର)

- ବାହାରୁ ଔଷଧ କିଣିବାକୁ ଲେଖିଲେ ଡାକ୍ତର
- ନର୍ସ ଇଞ୍ଜେକଶନ ନ ଦେବାରୁ ବଢ଼ିଲା ବିବାଦ
- ୨ ଘଣ୍ଟା ଧରି ଜ୍ୱର ରୋଗୀ ହଟହଟା



ନୟାଗଡ଼ ଜିଲାର ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ରାତିରେ ଜଣେ ଜ୍ୱର ରୋଗୀଙ୍କୁ ଡାକ୍ତର ବାହାରୁ ଔଷଧ କିଣିବାକୁ ଚିଠା ଲେଖି ଦେଇଥିଲେ । ରୋଗୀଙ୍କ ସମ୍ପର୍କୀୟ ଔଷଧ କିଣି ନର୍ସ ପାଖକୁ ଇଞ୍ଜେକଶନ ଦେବାକୁ ଯାଇଥିଲେ । ବାହାର ଇଞ୍ଜେକଶନ ସେ ଦେଇ ପାରିବେନି ବୋଲି କହିଥିଲେ । ଏ କଥା ରୋଗୀଙ୍କ ସମ୍ପର୍କୀୟ ଡାକ୍ତରଙ୍କୁ କହିଥିଲେ । ଇଞ୍ଜେକଶନ ଦେବାକୁ ନେଇ ଡାକ୍ତର ଓ ନର୍ସଙ୍କ ମଧ୍ୟରେ ବିବାଦ ଚାଲିଲା । ନର୍ସ ଯୁକ୍ତି ବାଢ଼ିଥିଲେ ମେଡିକାଲ ଅଫିସର ଓ ସିଡିଏମ୍‌ଓଙ୍କ ନିର୍ଦ୍ଦେଶ ଅଛି ସ୍ୱାସ୍ଥ୍ୟକେନ୍ଦ୍ରରୁ ଔଷଧ କେବଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିଆଯିବ। ବାହାରୁ ଔଷଧ କିଣିଥିବାରୁ ଇଞ୍ଜେକଶନ ଦେଇ ପାରିବିନି କହିଥିଲେ । ଡାକ୍ତର ବାହାର ଇଞ୍ଜେକଶନ ଦେବାକୁ ନର୍ସଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ । ଡାକ୍ତର ନର୍ସ କଳିରେ ରୋଗୀ ପ୍ରାୟ ୨ ଘଣ୍ଟା ଧରି ହଟହଟା ହୋଇଥିଲେ । ଏ ଘଟଣା ପ୍ରଚାର ପରେ ସ୍ଥାନୀୟ ଲୋକ ପହଞ୍ଚି ପ୍ରତିବାଦ କରିଥିଲେ। ଶେଷରେ ସ୍ୱାସ୍ଥ୍ୟକେନ୍ଦ୍ର ଇଞ୍ଜେକଶନ ରୋଗୀଙ୍କୁ ଦିଆଯିବା ପରେ ବିବାଦ ଟଳିଥିଲା । ସୂଚନାଯୋଗ୍ୟ, ଓଡ଼ଗାଁ ଦଳକ କଲ୍ୟାଣ ସାହିର ଧ୍ରୁବ ଚରଣ ବରାଡ ଜ୍ୱର ରୋଗରେ ପୀଡ଼ିତ ହୋଇ ରବିବାର ରାତିରେ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ତାଙ୍କୁ ଇଞ୍ଜେକଶନ ଦେବାକୁ ନେଇ ବିବାଦ ଆରମ୍ଭ ହୋଇଥିଲା ।

# କ୍ୱାର୍ଟର୍ସ ଦୁଆର ମାଡୁନାହାନ୍ତି ବନରକ୍ଷୀ

ନୂଆଗାଁ,୨୯।୧୦ (ଧନେଶ୍ୱର ସାହୁ)





ବନରକ୍ଷୀଙ୍କ କ୍ୱାର୍ଟର୍ସରେ ତାଲା ଝୁଲୁଛି ।

- ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି
- କାପ୍ତାପଲି ବନରକ୍ଷୀ କ୍ୱାର୍ଟର୍ସ ପରିସରରେ ଓଡ଼ଗାଁ ରେଞ୍ଜ ବନରକ୍ଷୀଙ୍କ କ୍ୱାର୍ଟର୍ସ

ସରକାରୀ କର୍ମଚାରୀମାନଙ୍କ ପାଇଁ କ୍ୱାର୍ଟର୍ସ ରହିଛି । ନିଜ କାର୍ଯ୍ୟକ୍ଷେତ୍ର ନିକଟରେ ସରକାରୀ କର୍ମଚାରୀଙ୍କ ରହିବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି । କିନ୍ତୁ କେତେଜଣ କର୍ମଚାରୀ ଏହାର ଫାଇଦା ନେବା ବଦଳରେ ସେହି କ୍ୱାର୍ଟର୍ସର ଦୁଆର ମାଡୁ ନାହାନ୍ତି । ଏହାକୁ ନେଇ ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲିଠାରେ ଥିବା ମକରାପଲି ବନରକ୍ଷୀଙ୍କ କ୍ୱାର୍ଟର୍ସକୁ ନେଇ ବିବାଦ ଆରମ୍ଭ ହୋଇଛି । କ୍ୱାର୍ଟର୍ସ ନିର୍ମାଣ କରାଯାଇଥିଲେ ମଧ୍ୟ ବନରକ୍ଷୀ କ୍ୱାର୍ଟର୍ସରେ ରହୁ ନ ଥିବା ଅଭିଯୋଗ ହେଉଛି।

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଓ ଓଡ଼ଗାଁ ବନାଞ୍ଚଳକୁ ଲାଗି ରହିଛି ଗଞ୍ଜାମ ଜିଲା ସୀମା । ନୂଆଗାଁ ବ୍ଲକ କାପ୍ତାପଲି ପଞ୍ଚାୟତ ଓ ଓଡ଼ଗାଁ ବନାଞ୍ଚଳ ଅଧୀନରେ ଥିବା ମକରାପଲିକୁ ଘେରି ରହିଛି ବିଶାଳ ଘଞ୍ଚ ଜଙ୍ଗଲ । ସେହି ଜଙ୍ଗଲରେ ପୂରି ରହିଛି ଶାଳ, ପିଆଶାଳ, କୁରୁମ, ଶିଶୁ ଭଳି ଅନେକ ମୂଲ୍ୟବାନ ଗଛ । ସେଗୁଡିକର ସୁରକ୍ଷା ପାଇଁ ବାହାଡାଝୋଲା ଫରେଷ୍ଟ ସେକ୍ସନ ଅଧୀନରେ ମକରାପଲି ବନରକ୍ଷୀଙ୍କୁ ନିୟୋଜିତ କରାଯାଇଛି । ତେଣୁ ଜଙ୍ଗଲକୁ ସୁରକ୍ଷା ଦେବା ସୁବିଧା ଦୃଷ୍ଟିରୁ ମକରାପଲି ବନରକ୍ଷୀଙ୍କ ନିମନ୍ତେ ମହିପୁର ବନାଞ୍ଚଳ ଗୁମୀ ଫରେଷ୍ଟ ସେକ୍ସନର କାପ୍ତାପଲି ବନରକ୍ଷୀ କ୍ୱାର୍ଟର୍ସ ପରିସରରେ ୨୦୨୧–୨୨ ଆର୍ଥିକ ବର୍ଷରେ କାମ୍ପା ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ କ୍ୱାର୍ଟର୍ସ ନିର୍ମାଣ କରାଯାଇଛି । ଉକ୍ତ କ୍ୱାର୍ଟର୍ସକୁ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ, ଓଡ଼ଗାଁ ରେଞ୍ଜର ନିଖିଳେଶ ମଲିକ ୨୦୨୩ ଏପ୍ରିଲ ୧୩ରେ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନକୁ ୬ ମାସ ବିତି ଯାଇଥିଲେ ମଧ୍ୟ ବନରକ୍ଷୀ ସେଠାରେ ରହିବା ତ ଦୂରର କଥା ଉକ୍ତ କ୍ୱାର୍ଟର୍ସ ଦୁଆର ମାଡି ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମକରାପଲି ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ବନରକ୍ଷୀ ବାହାଡାଝୋଲାଠାରେ ରହୁଥିବାରୁ ଏହାର ସୁଯୋଗ ନେଇ କାଠ ଚୋରା ଚାଲାଣକାରୀ ଓ ଶିକାରୀମାନେ ଅବାଧରେ ଜଙ୍ଗଲ ଲୁଟୁଛନ୍ତି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଅଧିକାଂଶ ସମୟରେ ମୂଲ୍ୟବାନ କାଠ ଓ ବନ୍ୟଜନ୍ତୁ ମାଂସ ବାହାଡାଝୋଲା ଆଖପାଖ ଅଞ୍ଚଳ ଓ ଗଞ୍ଜାମ ଜିଲାକୁ ରପ୍ତାନି ହେଉଥିବା ଅଭିଯୋଗ ହେଉଛି ।

ଏ ସଂକ୍ରାନ୍ତରେ ମକରାପଲି ବନରକ୍ଷୀ ସୁନୀଲ କୁମାର ନାୟକଙ୍କୁ ପଚାରିବାରେ ସେ କ୍ୱାର୍ଟର୍ସରେ ରହୁ ନ ଥିବା ସ୍ୱୀକାର କରିବା ସହ ଯେଉଁଠାରେ କ୍ୱାର୍ଟର୍ସ ନିର୍ମାଣ କରାଯାଇଛି ସେଠାରେ ମୋବାଇଲ ନେଟ୍‌ୱର୍କ ନାହିଁ । ତା'ଛଡା ବାହାଡାଝୋଲାରେ ରହିଲେ ମୁଁ ଠିକ୍ ଭାବେ ନିଜ ଦାୟିତ୍ୱ ତୁଲାଇ ପାରୁଛି ବୋଲି କହିଛନ୍ତି । ମୁଁ ଏଠାରେ ନୂଆ କରି ଯୋଗ ଦେଇଛି । ଏ ବାବଦରେ ବନରକ୍ଷୀଙ୍କୁ ପଚାରି ବୁଝିବି ବୋଲି କହିଛନ୍ତି ବାହାଡାଝୋଲା ଫରେଷ୍ଟର ମନୋଜ କୁମାର ସେଠୀ । ନୟାଗଡ଼ ଡିଏଫ୍‌ଓ ଷଡ଼ଙ୍ଗୀ ଓ ଓଡ଼ଗାଁ ରେଞ୍ଜର ନିଖିଳେଶ ମଲିକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ । ଡିଏଫ୍‌ଓଙ୍କୁ ମେସେଜ ମାଧ୍ୟମରେ ଜଣାଇଥିଲେ ମଧ୍ୟ କୌଣସି ପ୍ରତ୍ୟୁତ୍ତର ମିଳି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ସ୍ଥାନିତ କରାଯାଇନାହିଁ ।

